**କୃଷି ବିଭାଗ ପକ୍ଷରୁ ଅକ୍ଷୟତୃତୀୟା**

ନର୍ଲା,(ଡି.ଏନ୍.ଏ.): ନର୍ଲାସ୍ଥିତ କୃଷି ବିଭାଗ ଅଧିକାରୀ ଏବଂ ସମସ୍ତ କର୍ମକର୍ତ୍ତା ଅଞ୍ଚଳର ଚାଷୀଙ୍କୁ ନେଇ ହଳ, ଲଙ୍ଗଳ, ବସୁମତୀକୁ ପୂଜାପାଠ କରିବା ସହ ଅକ୍ଷୟତୃତୀୟା ପର୍ବ ପାଳନ କରିଥିଲେ। ଏହି ଅବସରରେ ଆତ୍ମା ସଭାପତି ଆଲୋକ ଚାନ୍ଦଙ୍କ ସମେତ ଅଞ୍ଚଳର ଚାଷୀ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ପାଳନ ଉତ୍ସବରେ ଅକ୍ଷିମୁଠି ଅନୁକୂଳ କରାଯାଉଛି।


ବିଧାୟକ ନରସିଂହ ମିଶ୍ର ଅକ୍ଷିମୁଠି ଅନୁକୂଳ କରୁଛନ୍ତି।

# ଚାଷୀମାନେ ଆହୁରି ଜାଗ୍ରତ, ଉଦ୍ୟମୀ ହୁଅନ୍ତୁ

**ବଲାଙ୍ଗୀର ଜିଲାସ୍ତରୀୟ କୃଷକ ଦିବସ ଓ ଅକ୍ଷୟତୃତୀୟ ପାଳନ**

**ଅକ୍ଷିମୁଠି ଅନୁକୂଳ କଲେ ବିଧାୟକ, ଅତିରିକ୍ତ ଜିଲାପାଳ**

ବଲାଙ୍ଗୀର ଅଫିସ,୨୩।୪

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଲର୍କିପାଲିସ୍ଥିତ ରାଜେନ୍ଦ୍ର ଏକ୍ସପେରିମେଣ୍ଟାଲ କୃଷି ଫାର୍ମଠାରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଏବଂ କୃଷକ ଦିବସ ତଥା ଅକ୍ଷିମୁଠି ଅନୁକୂଳ ପର୍ବ ପାଳିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଲମ୍ବୋଧର ଧରୁଆ ଭୂମିପୂଜନ ପରେ କ୍ଷେତରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ଅତିରିକ୍ତ ଜିଲାପାଳ ଧରୁଆ ଉପସ୍ଥିତ ଚାଷୀମାନଙ୍କୁ କୃଷକ ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଚାଷୀମାନେ ଯେପରି ଆହୁରି ଜାଗ୍ରତ ଓ ଉଦ୍ୟମୀ ହୋଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଠାରେ କୃଷି ବିଭାଗ ପକ୍ଷରୁ ୪ ଜଣ ଅଗ୍ରଣୀ ଚାଷୀ କୃଷିକ୍ଷେତ୍ରରେ ମିତା ରାଉତ, ଉଦ୍ୟାନ କୃଷିକ୍ଷେତ୍ରରେ ହରିବନ୍ଧୁ ରାଉତ, ମାଛଚାଷ ନିମନ୍ତେ ସୁରେଶପାଲ ପଧାନ, ପ୍ରାଣୀ ସମ୍ପଦରେ ପ୍ରସନ୍ନ କୁମାର ପଟେଲଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହ ୮ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ସଚେତନତା ସଭାରେ ମୁଖ୍ୟ ଜିଲା କୃଷି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଉମେଶ ଚନ୍ଦ୍ର ବେହେରା, ଜିଲା ଉଦ୍ୟାନ କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ଭଞ୍ଜ, ଜଳଛାୟା ଅତିରିକ୍ତ ପ୍ରକଳ୍ପ ଅଧିକାରୀ କଳ୍ପବଟ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ତଥା ମୁଖ୍ୟ ବୈଜ୍ଞାନିକ ସତ୍ୟମୟ ଶତପଥୀ, ନିର୍ବାହୀଯନ୍ତ୍ରୀ କୃଷି ବିଭାଗ ଇଂ ଲାସା ମୁର୍ମୁ , ଉପନିବନ୍ଧକ ସମବାୟ ଦମୟନ୍ତୀ ସିଂ, ଡିଡିଏମ ନାବାର୍ଡ ବିବେକ କୁମାର ନାଏକ ଉପସ୍ଥିତ ଚାଷୀମାନଙ୍କୁ ସଚେତନ କରିଥିଲେ। ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ କାର୍ଯକ୍ରମ ପରିଚାଳନା କରିଥିଲେ। ବ୍ଲକ କୃଷି ଅଧିକାରୀ ସୁଧାକର ନନ୍ଦ, ସୁନନ୍ଦା ସାହୁ, ସହକାରୀ କୃଷି ଅଧିକାରୀ ସୁଜାତା ଛତ୍ରିଆ, କୃଷି ଅଧିକାରୀ ସବିତା ପାଣିଗ୍ରାହୀ, ସୁଜାତା ପାତ୍ର ବିଭାଗୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବଲାଙ୍ଗୀର ସଦର ବ୍ଲକ ବାରପୁଡୁଗିଆ ପଞ୍ଚାୟତ ଅନ୍ତର୍ଗତ ଆମ୍ବପାଲି ଗାଁରେ ପବିତ୍ର ଅକ୍ଷୟ ତୃତୀୟ ଉପଲକ୍ଷେ ଜିଲାସ୍ତରୀୟ ଅକ୍ଷିମୁଠି ଅନୁକୂଳ ଉତ୍ସବ ଓ କୃଷକ ଦିବସ ପାଳିତ ହୋଇଥିଲା। ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଅକ୍ଷିମୁଠି ଅନୁକୂଳ କରିଥିଲେ। ଚାଷୀ ଧନମାଳି ପଟେଲଙ୍କ ଘରୁ ଅକ୍ଷିମୁଠି ବାହାରିଥିଲା। ଏଠାରେ ସଦର ବ୍ଲକର ୩୦ଜଣ ଚାଷୀଙ୍କୁ ସର୍ବୋତ୍ତମ ଚାଷୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ବିଧାୟକ ମିଶ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ କୃଷକମାନଙ୍କୁ ଅବଗତ କରାଇ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କହିଥିଲେ। ରାଜ୍ୟ କିଶାନ କଂଗ୍ରେସ ସମ୍ପାଦକ ସରୋଜ ରଥ, ପିସିସି ସଭ୍ୟ ଉମାଶଙ୍କର ପଣ୍ଡା, ଶ୍ରୀଧର ବାରିକ, ଲୋକନାଥ କୁମୁରା, ରୋହିତ ପଟେଲ, ପ୍ରଶନ୍ନ ପ୍ରଧାନ, ରାଧାକାନ୍ତ ଭୋଇ, ରାଜକୁମାର ପଟେଲ, ବୀରେନ୍ଦ୍ର ରାଉତ, ଜୟକୃଷ୍ଣ ମିଶ୍ର ଉପସ୍ଥିତ ଥଲେ। ଗଗନ ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ଜନକପୁରଠାରେ ଜିଲା କୃଷି ମହାସଂଘ ପକ୍ଷରୁ ଅକ୍ଷୟ ତୃତୀୟ ଅବସରରେ ଅଖିମୁଠି ଅନୁକୂଳ କରାଯାଇଥିଲା। ମହାସଂଘ ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା ଅଖିମୁଠି ଅନୁକୂଳ କରିଥିଲେ। ସହସମ୍ପାଦକ ପ୍ରାଣକୃଷ୍ଣ ସାହୁ, ଦିନେଶ ସାହୁ, ଚତୁର୍ଭୂଜ ହାତୀ, ମିଲାପ ସାହୁ, ବିନୋଦ ରାଉତ, ବୀରେନ୍ଦ୍ର ରାଉତ, ମାନଚନ୍ଦ ବରଲେଣ୍ଡିଆ ଉପସ୍ଥିତ ଥିଲେ। ଲର୍କିପାଲିଠାରେ ଅଘରିଆ ସମାଜ ପକ୍ଷରୁ ଅକ୍ଷୟ ତୃତୀୟ ପାଳନ କରାଯାଇଥିଲା। ସେଠାରେ ଶୁଭ୍ରାଂଶୁ ପଟେଲ, ଦିଗାମ୍ବର ନାଏକ ଉପସ୍ଥିତ ଥିଲେ।

# ଜୈବିକ ପଦ୍ଧତିରେ ଚାଷ କରିବାକୁ ଆହ୍ୱାନ

ଦେଓଗାଁ,୨୩।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ନୂଆଁପାଲିରେ କୃଷି ବିଭାଗ ତରଫରୁ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି । ଆତ୍ମା ଅଧ୍ୟକ୍ଷ ଗୋବିନ୍ଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ଅକ୍ଷୟ ତୃତୀୟା ପାଳନର ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ନିରନ୍ତର କୃଷି ପ୍ରତି କୃଷକମାନେ ଆଗଭର ହୋଇ ମିଶ୍ରିତ ଚାଷ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଉପରଝର ପଞ୍ଚାୟତ ସରପଞ୍ଚ ଯଶୋବନ୍ତୀ ନାଏକ, ମହଲାଇ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ହାତିସରା ସରପଞ୍ଚ କେଲୋ ଡାଙ୍ଗ, ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ, ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ । ଏ ଅବସରରେ ନୂଆଁପାଲି ଗ୍ରାମର ନବ ସାମଲଙ୍କ କ୍ଷେତରେ ପୂଜାର୍ଚ୍ଚନା କରାଯାଇ ଅଖିମୁଠି ବୁଣାଯାଇଥିଲା। ଆତ୍ମା ଏଟିଏମ ପ୍ରଶାନ୍ତ କୁମାର ବହିଦାରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଆତ୍ମାର ବିଟିଏମ ପ୍ରାଣବନ୍ଧୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଆଖାପାଖର କୃଷକ ଏବଂ କୃଷି ବିଭାଗ କର୍ମଚାରୀ ଓ କୃଷକ ସାଥୀ ଏଡି ଅବସରରେ ଉପସ୍ଥିତ ଥିଲେ।


ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ପାଳନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ଆଖିମୁଠି ଅନୁକୂଳ, ଭଲ ଫସଲ କାମନା କଲେ

ଖପ୍ରାଖୋଲ ୨୩।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସରଠାରେ ବ୍ଲକସ୍ତରୀୟ ଆଖିମୁଠି ଅନୁକୂଳ ଉତ୍ସବ ରବିବାର ପାଳିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ପ୍ରାଣୀସମ୍ପଦ ଅଧିକାରୀ ଡାକ୍ତର ସ୍ୱପ୍ନେଶ୍ୱର୍ ନାଏକ, ସମ୍ମାନିତ ଅତିଥି ସହକାରୀ ମତ୍ସ୍ୟ ସମ୍ପଦ ଅଧିକାରୀ ଶୁଭ୍ରଜିତ ମହାନ୍ତି, ଘୁନସର ସରପଞ୍ଚ ଅନୁସୟା ସାହୁ, ସମିତି ସଭ୍ୟ ଘନକେଶୀ ସୁନା, ମାଲପଡ଼ା ସରପଞ୍ଚ ଗୋପାଳ ମେହେର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ମାଟି ମା' ସହ ହଳ ଲଙ୍ଗଳ ପୂଜା କରାଯାଇଥିଲା। ପରେ ଆଖି ମୁଠି ଅନୁକୂଳ କରାଯାଇଥିଲେ। ଅତିଥିମାନେ ଅକ୍ଷୟ ତୃତୀୟା ଉପରେ ଆଲୋକପାତ କରିବା ସହ ଚଳିତ ବର୍ଷ ଭଲ ଫସଲ ହେଉ ବୋଲି କାମନା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଇଥିଲା। ପୂର୍ବତନ ସରପଞ୍ଚ ମୋହନ ସୁନା, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, କୃଷକ ସାଥୀ ଜୟକୃଷ୍ଣ ସାହୁ, ଏଟିଏମ ପରେଶ ମେହେର, ବିକାଶ ଦାଶ, ଉମେଶ ଗୁପ୍ତା, ସୁରେଶ ବେହେରା, ଚକ୍ର ଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଘୁନସରରେ କ୍ଷେତରେ ହଳ କରି ଅକ୍ଷିମୁଠି ଅନୁକୂଳ କରାଯାଉଛି।

# ଚାଷୀଙ୍କୁ ଠିକ୍ ସମୟରେ ବିହନ,ସାର ଯୋଗାଅ

**ଅନୁକୂଳ ପାଗରେ ଅକ୍ଷିମୁଠି ଅନୁକୂଳ**

ଲୋଇସିଂହା, ୨୩।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୃଷି ବିଭାଗ ପକ୍ଷରୁ ସୁଜିଆ ଗ୍ରାମରେ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ରବିବାର ପାଳିତ ହୋଇଯାଇଛି। ଗ୍ରାମର କୃଷ୍ଣ ନାଏକଙ୍କ ଜମିରେ ଉତ୍ସବ ପାଳନ କରାଯାଇଥିଲା । ପୂଜକ ଦୀନବନ୍ଧୁ ବେଜ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ପରେ ଅନୁଷ୍ଠିତ ସଭାରେ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। କୃଷି ଅଧିକାରୀ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ କୃଷି ଓ କୃଷକଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହାବ୍ୟତୀତ ମାଟିର ଉର୍ବରତା ପାଇଁ ଜୈବିକ ସାର ଉପରେ ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ମହାଲିଙ୍ଗ କହିଥିଲେ ମାଟି ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଚାଷୀ ଗୁରୁତ୍ୱ ଦେବା କଥା। ଏଥିସହ ଚାଷୀଙ୍କୁ ଠିକ୍ ସମୟରେ ବିହନ, ସାର, କୀଟନାଶକ ଯୋଗାଇଦେବାକୁ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଅନୁକୂଳ ପାଗରେ ଅଖିମୁଠି ଅନୁକୂଳ ହୋଇଛି। ଏ ବର୍ଷ ଭଲ ବର୍ଷାହେବା ନେଇ କୃଷି ବୈଜ୍ଞାନିକମାନେ ପୂର୍ବାନୁମାନ କରିଥିବା ସେ କହିଥିଲେ। ଆତ୍ମା ଅଧ୍ୟକ୍ଷ ରବୀନ୍ଦ୍ର ପୁଟେଲ, ବାଦିବାହଲ ସମିତି ସଭ୍ୟ ଅଜିତ ବେହେରା, ବୀରେନ୍ଦ୍ର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । କୃଷି ଓଭରସିୟର ପ୍ରସନ୍ନ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ଏହିଅବସରରେ ଉପସ୍ଥିତଥିଲେ।


ଉତ୍ସବରେ ଚାଷୀ, କୃଷି ଅଧିକାରୀଙ୍କ ଗହଣରେ ବିଧାୟକ ମୁକେଶ ମହାଲିଙ୍ଗ।

## ଚିଙ୍ଗେରବନ୍ଧରେ ଅକ୍ଷିମୁଠି ଅନୁକୂଳ

ପାଟଣାଗଡ, ୨୩।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ନିକଟସ୍ଥ ଚିଙ୍ଗେରବନ୍ଧରେ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ କୃଷି ଅଧିକାରୀ ବାବୁଲି ଚରଣ ସେଠୀ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥଲେ। ଲୋକନାଥ ମେହେରଙ୍କ ଜମିରେ ପୂଜାର୍ଚ୍ଚନା ପରେ ଜିଲା କୃଷି ଅଧିକାରୀ ଓ ଉଦ୍ୟାନ ବିଭାଗ ଅଧିକାରୀ ପ୍ରମୋଦ କୁମାର ସେଠୀ ଧାନ ବୁଣିଥିଲେ । ପରେ କୃଷି ବିଭାଗର ପକ୍ଷରୁ କୃଷକ ଓ ଜନପ୍ରତିନିଧିଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ପରିଷଦ ସଭ୍ୟ ବାକିକା ମାଝି, ସରପଞ୍ଚ ସଂଘ ସଭାପତି ଜନାର୍ଦ୍ଦନ ସାହୁ, ସହକାରୀ କୃଷି ଅଧିକାରୀ ପିଙ୍କୁ ସେନ, ବ୍ଲକ କୃଷି ଅଧିକାରୀ ହରେକୃଷ୍ଣ ପଣ୍ଡା, ସମସ୍ତ କୃଷି ମିତ୍ର ଓ ଭିଏଲ୍ଡବ୍ଲ୍ୟୁ ପ୍ରମୁଖ ଯୋଗଦେଇ ଚାଷୀ ଓ ଚାଷର ଉପରେ ସଚେତନ କରିଥିଲେ।

# ଇଂଲିଶ ଭାଷାର ଭୂମିକା ଅନସ୍ୱୀକାର୍ଯ୍ୟ

**ଡିଗ୍ରୀ କଲେଜରେ ଆନ୍ତର୍ଜାତିକ ଇଂଲିଶ ଭାଷା ଦିବସ ପାଳିତ**

ଦେଓଗାଁ,୨୩।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଆନ୍ତର୍ଜାତିକ ଇଂଲିଶ ଭାଷା ଦିବସ ରବିବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜରାସିଂହା କଲେଜ ଇଂଲିଶ ବିଭାଗ ଅଧ୍ୟାପକ ଦୁର୍ବାଦଳ ଘିବେଲା, ମୁଖ୍ୟବକ୍ତା ଟିଟିଲାଗଡ ଡିଏଭି କଲେଜ ଇଂଲିଶ ବିଭାଗ ଅଧ୍ୟାପକ ପ୍ରଫେସର ଜୟଦେବ କର ଯୋଗଦେଇଥିଲେ। ସାଂପ୍ରତିକ ସମୟରେ ଇଂଲିଶ ଭାଷାର ଉପଯୋଗିତା ଓ ସେକ୍ସପିୟରଙ୍କ ସାହିତ୍ୟ ଉପରେ ଅତିଥିମାନେ କହିଥିଲେ । ସମ୍ମାନୀତ ଅତିଥିଭାବେ ପ୍ରାଧ୍ୟାପକ ରଞ୍ଜନ ପାଣିଗ୍ରାହୀ, କୁଡାସିଂହା କଲେଜର ଅଧ୍ୟାପକ ଅକ୍ଷୟ ଚୌଧୁରୀ,ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। କଲେଜ ଛାତ୍ରୀ ଅଖଣ୍ଡଜ୍ୟୋତି ମିଶ୍ର, ଗାୟତ୍ରୀ ସେଠ, ଅର୍ଚ୍ଚନା ପଟେଲ, ନସିବ ପଧାନ, ଛାତ୍ର କେଦାର ଚରଣ ନାଗ, ସରୋଜ କୁଅଁର, କପିଳେଶ ଛତ୍ରିଆ ଇଂଲିଶ ଭାଷା ଦିବସ ପାଳନ ଉପରେ ବକ୍ତବ୍ୟ ପ୍ରଦାନ କରି ପୁରସ୍କୃତ ହୋଇଥିଲେ। ଶେଷରେ ଅଧ୍ୟାପକ କିରଣ ଡାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସରୋଜ ସାହୁ, ଆଶିଷ ପଣ୍ଡା, ସରୋଜ କୁମାର ମହାନ୍ତି, ମଳୟ ରଞ୍ଜନ ରଣା, ଅଧ୍ୟାପିକା ସାରଦାଭଞ୍ଜ ଦେଓ, ଆକାଂକ୍ଷା ପୁରୋହିତ, ଅନ୍ୱେଷା ପାଣିଗ୍ରାହୀ, ସୁରୁଚି ନାଏକ, ରୁନୁ ପଧାନ, ସ୍ମୃତି ଦେବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ।



ଦେଓଗାଁ ଡିଗ୍ରୀ କଲେଜରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ପ୍ରଗତିଶୀଳ ସମାଜ ପାଇଁ ନୂଆ ଚିନ୍ତନ ଆବଶ୍ୟକ

**ଶିବପ୍ରସାଦ ପାଣ୍ଡିଆଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ସମାରୋହ**

- ଲୋକାର୍ପିତ ହେଲା ଶିବପ୍ରସାଦ ପାଣ୍ଡିଆ: ବିଚାର ଓ ବ୍ୟକ୍ତିତ୍ୱ ପୁସ୍ତକ

ବଲାଙ୍ଗୀର,୨୩।୪

ପ୍ରଗତିଶୀଳ ସମାଜ ଗଠନ ପାଇଁ ନୂଆ ଚିନ୍ତନ ଏବଂ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି। ବିପ୍ଳବୀ କବି, ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୧୫ ତମ ଶ୍ରାଦ୍ଧବାର୍ଷିକୀ ସମାରୋହରେ ବରେଣ୍ୟ ଅତିଥି, ବକ୍ତାମାନେ ଏହି ମତ ରଖିଛନ୍ତି। ସ୍ଥାନୀୟ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ପରିସରରେ ଶିବପ୍ରସାଦ ପାଣ୍ଡିଆ ସ୍ମୃତି କମିଟି ଏବଂ ସ୍ମୃତିବିନ୍ଦୁ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ସମାରୋହରେ ବିଶିଷ୍ଟ ଶିକ୍ଷାବିତ ଏବଂ ଚିନ୍ତାନାୟକ ପ୍ରଫେସର ମଧୁସୂଦନ ପତି ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ ତଥା ୟୁନାଇଟେଡ୍ କିଙ୍ଗଡମ୍ ସ୍ଥିତ ୟୁନିଭର୍ସିଟି ଅଫ୍ ବାଥ୍‌ର ପ୍ରଫେସର ଡ. ଅଜିତ ମିଶ୍ର ଏବଂ ସମ୍ବଲପୁର ସ୍ଥିତ ଆଇଆଇଏମ୍‌ର ଆସୋସିଏଟ୍ ପ୍ରଫେସର ଡ. ସୁଜିତ କୁମାର ପୃଷ୍ଟେଠ୍ ଯୋଗଦେଇଥିଲେ।

ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ପଛୁଆ ଜିଲା ନୁହେଁ, ଏଠାରେ ଦକ୍ଷତାର ଅଭାବ ନାହିଁ। ବରଂ ମାନସିକତାର ଅଭାବ ପରିଲକ୍ଷିତ ହେଉଛି ବୋଲି କହିଥିଲେ। ଏହି ଅବସରରେ ସେ ସ୍ୱର୍ଗତ ପାଣ୍ଡିଆଙ୍କ ଭଳି ଜଣେ ନିର୍ଭୀକ ଏବଂ ସାଧାରଣ ଲୋକଙ୍କ ପକ୍ଷଧର ସାମ୍ବାଦିକ ଆଉ ଦେଖିବାକୁ ମିଳୁନାହାନ୍ତି ବୋଲି କହିଥିଲେ। ଶିକ୍ଷାର ଉନ୍ନତି ବିନା କୌଣସି ଅଞ୍ଚଳର ପ୍ରଗତି ଅସମ୍ଭବ ବୋଲି କହିଥିଲେ। ଅନ୍ୟତମ ଅତିଥି ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟରେ ପୃଥିବୀର ବିଭିନ୍ନ କାଳଖଣ୍ଡରେ କିଭଳି ସୁନା, ଜମି, ଶ୍ରମ ଏବଂ ବଜାର ପ୍ରଭାବଶାଳୀ ହୋଇ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ କହିଥିଲେ। ତେବେ ଲୋକେ ଯାହା ଚାହିଁବେ ତାର ମୂଲ୍ୟ ଅଧିକ ରହିବ ବୋଲି କହିଥିଲେ। ଏହି ଅବସରରେ ସେ ସ୍ୱର୍ଗତ ପାଣ୍ଡିଆ ଏବଂ ସ୍ୱର୍ଗତ ପ୍ରଫେସର ରବିଶଙ୍କର ପାଣ୍ଡିଆଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟତମ ଅତିଥି ପ୍ରଫେସର ପୃଷ୍ଟେଠ୍ ତାଙ୍କର ଦୀକ୍ଷାନ୍ତ ଅଭିଭାଷଣରେ ୧୮୯୩ ମସିହାରେ ମହାତ୍ମା ଗାନ୍ଧୀ, ବିବେକାନନ୍ଦ ଏବଂ ଅରବିନ୍ଦ ଘୋଷଙ୍କ ଯୁଗାନ୍ତକାରୀ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ସାମ୍ବାଦିକ ଗୌରବ ପାଣ୍ଡିଆଙ୍କ ଶୁକୁରୁ ଡୁଗୁରୁ ଚିନ୍ତନର ତୁଳନାତ୍ମକ ମୂଲ୍ୟାଙ୍କନ କରିଥିଲେ। ଆଜିର ସମୟରେ କିଭଳି ଅଧ୍ୟାପକ, କବି-ଲେଖକ ଏବଂ ସାମ୍ବାଦିକ ନିଜର ସ୍ୱାଧୀନ ମତବ୍ୟକ୍ତ କରିପାରୁ ନାହାନ୍ତି କହିଥିଲେ। ସଭାପତୀୟ ଅଭିଭାଷଣରେ ପ୍ରଫେସର ମଧୁସୂଦନ ପତି ସାମ୍ପ୍ରତିକ ସମାଜର ଏକ ସ୍ଥୂଳଚିତ୍ର ଉପରେ କହି ସମୀକ୍ଷାର ବେଳ ଉପନୀତ ବୋଲି କହିଥିଲେ। ସ୍ୱର୍ଗତ ପାଣ୍ଡିଆ ସାମନ୍ତବାଦ ବିରୋଧରେ ଜୀବନବ୍ୟାପୀ ଲଢ଼େଇ କରିଆସିଥିଲେ। ରୁଦ୍ରଆହ୍ୱାନ ପାଇଲା ପରେ ଶିପ୍ରସାଦ ପାଣ୍ଡିଆଙ୍କ ଜୀବନ ସାର୍ଥକ ହୋଇଥିଲା ବୋଲି ସେ କହିଥିଲେ। ଏହି ଅବସରରେ ସ୍ୱର୍ଗତ ପାଣ୍ଡିଆଙ୍କ ନିର୍ବାଚିତ ପୁସ୍ତକ ସଙ୍କଳନ ଶିବପ୍ରସାଦ ପାଣ୍ଡିଆ: ବିଚାର ଓ ବ୍ୟକ୍ତିତ୍ୱକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ସଭାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଖ୍ୟାତ ସ୍ଥପତି ଏବଂ ଶିଳ୍ପୀ ଅନ୍ତର୍ଯ୍ୟାମୀ ମେହେର ଓ ଅଭିଳାଷ ମେହେର, ଜୟଶ୍ରୀ ପ୍ରିଣ୍ଟର୍ସର ସତ୍ତ୍ୱାଧିକାରୀ ପ୍ରସନ୍ନ କୁମାର ଗିରି, ସରିତା ଆଚାର୍ଯ୍ୟ ଏବଂ କୃଷ୍ଣ ମହାରଣାଙ୍କୁ ମାନପତ୍ର, ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଅଜିତ ପାଣିଗ୍ରାହୀ ବିପ୍ଳବୀ ସଙ୍ଗୀତ ପରିବେଷଣ କରିଥିଲେ। ଆୟୋଜକ କମିଟି ଆବାହକ ସୁଶୀଳ କୁମାର ପାଣ୍ଡିଆ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସମ୍ବର୍ଦ୍ଧନା ପର୍ବକୁ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଏବଂ ସଭାପର୍ବକୁ ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିଥିଲେ। ଶେଷରେ ବିପ୍ଳବ କେଶରୀ ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ସମାପନରେ ମୋହନ ରଞ୍ଜନ ପାଣ୍ଡିଆ, ଅଜିତ କୁମାର ଯୋଶୀ, ସଂଗ୍ରାମ ପାଣ୍ଡିଆ, ନିହାର ରଞ୍ଜନ ପାଣ୍ଡିଆ, ଉଚିତ ଚନ୍ଦ୍ର ପଣ୍ଡା, କୁନୁ ପଣ୍ଡା, ରାମନାରାୟଣ ଦାଶ, ପ୍ରଶାନ୍ତ ମହାକୁର, ରଞ୍ଜିତ ମିଶ୍ର, ସତ୍ୟ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଉପାୟନ ଏବଂ ମାନପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### କାର ସହ ୧୦୦ କିଲୋ ଗଞ୍ଜେଇ ଜବତ

ବୌଦ୍ଧ, ୨୩।୪(ସ୍ୱ.ପ୍ର.): ବୌଦ୍ଧ-କିଆକଟା ବ୍ରିଜଛକରେ ବୌଦ୍ଧ ଆଦର୍ଶ ଥାନା ପୋଲିସ ରବିବାର ଏକ କାର ଉପରେ ଚଢ଼ାଉ କରି ୧୦୦ କିଲୋ ଗଞ୍ଜେଇ ଜବତ କରିଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ମନମୁଣ୍ଡା ପଟୁ ଆସୁଥିବା କାର(ଜେଏଚଓ ୧ ଇଆର ୭୨୦୯)କୁ ବ୍ରିଜଛକଠାରେ ପୋଲିସ ଅଟକାଇଥିଲା। କାର ଚାଳକ ଫେରାର ହୋଇଯାଇଥିଲେ। ତଲାସି କରିବାରୁ ଗାଡିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇ ଓଜନ ପରେ ୧୦୦ କିଲୋ ଥିବା ଜଣାପଡିଥିଲା। ଏନେଇ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

### ଚାଷ କ୍ଷତିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ବିଧାୟିକା

ସରଣ୍ଡା,୨୩।୪(ଡି.ଏନ.ଏ.): କାଳବୈଶାଖି ଝଡ଼ବର୍ଷା ଓ କୁଆପଥର ମାଡ଼ ସହ ବଜ୍ରପାତ ଯୋଗୁ ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି। କରାମାଡ଼ ଯୋଗୁ ଧାନ ଫସଲ କ୍ଷୟକ୍ଷତି ହୋଇଛି। ଏହି ପରିପ୍ରେକ୍ଷୀରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଅତାବିରା ଓ ଭେଡେନ ଅଞ୍ଚଳର ଚାଷୀମାନେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ଫସଲ ଓ ବଜ୍ରପାତରେ ମୃତ୍ୟୁବରଣ କରିଥିବା ଜିତ ଥପା ଓ ଆହତମାନଙ୍କୁ କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି।

### ଶନିଶ୍ଚର ମହାଗ୍ରହଙ୍କ ବାର୍ଷିକ ଉତ୍ସବ

ତରଭା, ୨୩।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ନୂଆପଡା ଶ୍ରୀଶନିଶ୍ଚର ମହାଗ୍ରହଙ୍କ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଶୁକ୍ରବାର ଅଧିବାସ, ଶତାଧିକ ମହିଳା ତରଭା ବଡ଼ବନ୍ଧ ରେ ପୂଜାର୍ଚ୍ଚନାପୂର୍ଣ୍ଣ କଳସ ଗଙ୍ଗା ଜଳ ଆଣି ନଗର ପରାକ୍ରମ କରି ପୂଜା ମଣ୍ଡପ ରେ ସ୍ଥାପନ କରିଥିଲେ। ଶନିବାର ଅଷ୍ଟପ୍ରହର ନାମଯଜ୍ଞ ଓ ରବିବାର ପୂର୍ଣ୍ଣାହୂତି ପ୍ରଦାନ ପରେ ନଗର ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ନାମଯଜ୍ଞରେ ଲକ୍ଷ୍ମଣ ସାହୁ ଓ ତାଙ୍କ ସ୍ତ୍ରୀ ପଦ୍ମିନୀ ସାହୁ , ମନ୍ଦିରରେ ପ୍ରବୀଣ ଅଗ୍ରୱାଲ ତାଙ୍କ ସ୍ତ୍ରୀ ପାୟଲ ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

### ମେଗା ରକ୍ତଦାନ ଶିବିରକୁ ନେଇ ପ୍ରସ୍ତୁତି

ଡୁଙ୍ଗୁରିପାଲି, ୨୩।୪(ଡି.ଏନ.ଏ.) : ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅଭ୍ୟର୍ଥନା କକ୍ଷରେ ଆସନ୍ତା ମେ ୩ତାରିଖରେ ହେବାକୁ ଥିବା ମେଗା ରକ୍ତଦାନ ଶିବିରକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାମପୁର ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଭାନୁଶଙ୍କର ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ରାମପୁର ପଞ୍ଚାୟତର ସରପଞ୍ଚ ମନୋଜ କୁମାର ପୁରୋହିତ, ସମାଜସେବୀ ଉମେଶ ପୂଜାରୀ, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ରାମନାରାୟଣ ସରାଫ, ଗୋପାଳ ମାଝି, ବଳରାମ ବେହେରା, ଗୋଲେଖ ବିହାରୀ ସାହୁ, ରାମଦାସ ନାଗ, ଜନାର୍ଦ୍ଦନ ପଧାନ, ଶ୍ରୀକାନ୍ତ ସାହୁ ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଆମ ପୋଲିସ ସମିତିର ସଦସ୍ୟ ଉପସ୍ଥିତ ଥିଲେ। ଏସ୍‌ପି ଅମରିଶ ପଣ୍ଡାଙ୍କ ଆଦେଶ କ୍ରମେ ରାମପୁର ଥାନାରେ ପ୍ରଥମ କରି ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ଯାଉଥିବା ଥାନା ଅଧିକାରୀ ଭାନୁଶଙ୍କର ଯାଦବ କହିଛନ୍ତି।

# ମାଟିର ଉର୍ବରତା ବଜାୟ ରଖିବାକୁ ଆହ୍ୱାନ

- ଅଖିମୁଠି ଅନୁକୂଳ କଲେ ଜିଲାପାଳ
- ଅକ୍ଷୟ ତୃତୀୟାରେ ଜିଲାସ୍ତରୀୟ କୃଷକ ଦିବସ ସମାରୋହ


ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଅଖିମୁଠି ଅନୁକୂଳ କରୁଛନ୍ତି ।

ସୋନପୁର,୨୩।୪(ନି.ପ୍ର.)

ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ଜିଲାସ୍ତରୀୟ କୃଷକ ଦିବସ ପାଳନ ସମାରୋହ ସୋନପୁର ବ୍ଲକ ଛେପାପାଲିଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ରୀତିନୀତି ଅନୁଯାୟୀ ପୂଜା ପାଠ ପରେ ଅଖିମୁଠି ଅନୁକୂଳ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ମୁଖ୍ୟ ଜିଲା କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ, ସୋନପୁର ତହସିଲଦାର ନବୀନ ଚନ୍ଦ୍ର ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ପାରମ୍ପରିକ ପଦ୍ଧତିରେ ଲଙ୍ଗଳରେ ହଳ ପରେ ଜିଲାପାଳ ଦାଶ କ୍ଷେତରେ ଅଖିମୁଠି ଅନୁକୂଳ କରିଥିଲେ। ପରେ ବୈଦ୍ୟନାଥ ପାକ୍ସ କାର୍ଯ୍ୟାଳୟ ସମ୍ମୁଖରେ ଜିଲାସ୍ତରୀୟ କୃଷକ ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଠେଲା, ଜିଲାପାଳ ଦାଶ, ଅତିରିକ୍ତ ଜିଲାପାଳ ମିଞ୍ଜ, ହରଡଖୋଲ ସରପଞ୍ଚ ମୋହନ କର୍ମୀ, ସମିତି ସଭ୍ୟ ମନୁରାଜ କର୍ମୀ, ସଫଳ ଚାଷୀ କରମ ଚାନ୍ଦ ମହାନ୍ତି, ହରଡଖୋଲ ପାକ୍ସ ସଭାପତି ରାଜ କୁମାର ସୁନା ମଞ୍ଚାସୀନ ଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ତ୍ରିନାଥ ଖଣ୍ଡାୟତରାୟ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନନ୍ତ କୁମାର ପଣ୍ଡା, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷୀକେଶ ଦାଶ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଜିଲାର ଅଗ୍ରଣୀ ଚାଷୀଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାର ଚାଷୀମାନେ ପାରମ୍ପରିକ ଧାନ ଚାଷ ପରିବର୍ତ୍ତେ ଅଣଧାନ ଚାଷ କରିବା ଏବଂ ମାଟିର ସୁରକ୍ଷା ଓ ଉର୍ବରତା ବଜାୟ ରଖିବାକୁ ଅତିଥି, ବିଶେଷଜ୍ଞ ଓ ବୈଜ୍ଞାନିକ ପରାମର୍ଶ ଦେଇଥିଲେ। କୃଷି ଓ ଆନୁସଙ୍ଗିକ ବିଭାଗ ପକ୍ଷରୁ ଜିଲାର ଅଗ୍ରଣୀ ଚାଷୀ ବଡଅଙ୍କରିଆର ରଶ୍ମିତା ବିଶି, ବୈଦ୍ୟନାଥର ଶଶୀଭୂଷଣ ସାହୁ, ଅର୍ଜ୍ଜୁନପୁରର ରିନୁ ପ୍ରଧାନ, ଝାର କଦଳୀପାଲିର ଶେଷଦେବ ବଗର୍ତ୍ତୀ, ମଣିଗାଁର ହରିଶଙ୍କର ପାଣିଗ୍ରାହୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଆତ୍ମାର ଉପ ପ୍ରକଳ୍ପ ନିର୍ଦ୍ଦେଶକ ମିତାଲି ମଧୁମିତା ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ସହକାରୀ କୃଷି ଅଧିକାରୀ ଲଳିତ କୁମାର ସାହୁ, ବ୍ଲକ କୃଷି ଅଧିକାରୀ ପ୍ରଣତି ପ୍ରଧାନ, ଆଶିଷ କୁମାର ସେଠୀ, ପ୍ରଶାନ୍ତ ସେଠୀ, ଝସକେତନ ମେହେର ଓ ହିମାଂଶୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସେହିପରି ସୋନପୁର ବ୍ଲକର ବଡଝିଙ୍କି ଠାରେ ଜିଲା କୃଷକ ସଂଗଠନ ପକ୍ଷରୁ ସଭାପତି ବୈକୁଣ୍ଠ ନାଥ ଶତପଥୀଙ୍କ ନେତୃତ୍ୱରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଖିମୁଠି ଅନୁକୂଳ କରାଯାଇଥିଲା।

# ନାବାଳିକାଙ୍କୁ ବିବାହ କରି ୨ଯୁବକ ଗିରଫ

ତରଭା, ୨୩।୪(ଡି.ଏନ.ଏ.)

ନାବାଳିକାଙ୍କୁ ବିବାହ କରିଥିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ତରଭା ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ନାରାୟଣ ବାଗ ଓ ପୂର୍ଣ୍ଣଚନ୍ଦ୍ର ବିଶି। ସୋନପୁର ପୋକ୍‌ସୋ କୋର୍ଟରେ ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

୨୦୨୧ ଫେବୃୟାରୀ ମାସରେ ବେଲମୁଣ୍ଡା ଗ୍ରାମର ଜଣେ ୧୭ବର୍ଷୀୟା ନାବାଳିକାଙ୍କ ବିବାହ କୁଲଥିଆପଦରର ନାରାୟଣ ବାଗଙ୍କ ସହ ହେଉଥିବା ଜଣାପଡିଥିଲା। ସିଡିପିଓ ସବିତା ଦୋରା, ସେକ୍ଟର ସୁପରଭାଇଜର ତିଲୋତ୍ତମା ବରିହା, ରୀନା ପଣ୍ଡା, ଶ୍ରଦ୍ଧାଞ୍ଜଳି ଭୋଇ, ଗ୍ରାମ୍ୟ ବାଲ୍ୟବିବାହ ନିଷେଧ କମିଟି, ତତ୍କାଳୀନ ତରଭା ଥାନା ସବଇନ୍‌ସ୍ପେକ୍ଟର ପ୍ରିୟଙ୍କା ବେହେରା ବେଲମୁଣ୍ଡାରେ ପହଞ୍ଚି ନାବାଳିକାଙ୍କ ମା'ବାପା ଓ ପରିବାର ସଦସ୍ୟଙ୍କୁ ବୁଝାଶୁଝା କରି ବିବାହ ବନ୍ଦ କରାଇଥିଲେ। ନାବାଳିକାଙ୍କୁ ସୋନପୁର ସିଡବ୍ଲ୍ୟୁସିଙ୍କୁ ହସ୍ତାନ୍ତର କରାଯାଇଥିଲା। କିଛିଦିନ ଅନ୍ତରେ ନାବାଳିକା ସିଡବ୍ଲ୍ୟୁସିରୁ ଫେରିବା ପରେ ପରିବାର ଲୋକେ ତାର ବିବାହ କରିଦେଇଥିଲେ। ଦ୍ୱିତୀୟ ଘଟଣା ଘଟିଥିଲା ତରଭା ଥାନା ଅନ୍ତର୍ଗତ ବରକାନି ଗ୍ରାମରେ।ବରକାନିର ଜଣେ ୧୭ ବର୍ଷୀୟା ନାବାଳିକାକ ବିବାହ ଖୁଣ୍ଟବନ୍ଧ ନିବାସୀ ପୂର୍ଣ୍ଣଚନ୍ଦ୍ର ବିଶିଙ୍କ ସହିତ ହେଉଥିବା ଜଣାପଡିବା ପରେ ଆଇସିଡିଏସ ତରଫରୁ ବୁଝାସୁଝା କରି ବିବାହ ବନ୍ଦ କରାଯାଇଥିଲା। ହେଲେ ପରେ ଲୁଚାଛପାରେ ତାଙ୍କର ବିବାହ ସମ୍ପନ୍ନ କରାଯାଇଥିଲା। ଏହି ଦୁଇ ନାବାଳିକା ଗର୍ଭବତୀ ହୋଇ ଅଙ୍ଗନବାଡି କେନ୍ଦ୍ରରେ ପଞ୍ଜୀକୃତ କରାଇଲେ ପରେ ଘଟଣା ପ୍ରଘଟ ହୋଇଥିଲା। ଅଙ୍ଗନବାଡି କର୍ମୀ ନାବାଳିକା ଗର୍ଭବତୀ ହେବା ସମ୍ବନ୍ଧେ ସିଡିପିଓ ଦୋରାଙ୍କୁ ରିପୋର୍ଟ କରିଥିଲେ। ତତ୍କାଳୀନ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ନିର୍ଦ୍ଦେଶରେ ସିଡିପିଓ ତରଭା ଥାନାରେ ଏ ନେଇ ଏତଲା ଦେଇଥିଲେ। ଥାନାରେ ଦଫା ୩୭୬(୨)(୩) ସେକ୍ସନ ପୋକ୍‌ସୋ ଆକ୍ଟରେ ଦୁଇଟି ମାମଲା (୧୫୫ ଓ ୧୫୭/ତା୨୬/୬/୨୨ରିଖରେ ରୁଜୁ ହୋଇଥିଲା। ଆଇସିଡିଏସ୍ ତରଫରୁ ଘଟଣାର ତନାଘନା ହେଉଥିବା ଜାଣି ନାରାୟଣ ବାଗ ଓ ପୂର୍ଣ୍ଣଚନ୍ଦ୍ର ବିଶି ତାମିଲନାଡୁ ପଳାଇଥିଲେ। ଏମାନେ ତାମିଲନାଡୁରୁ ଫେରିଥିବା ଜଣାପଡିବା ପରେ ଶନିବାର ସକାଳେ ପୋଲିସ ଉଭୟ ଗ୍ରାମରେ ଚଢ଼ାଉ କରି ସେମାନଙ୍କୁ ଧରିଥିଲା।

# ଜଗନ୍ନାଥ ବନ ପ୍ରକଳ୍ପରେ ବୃକ୍ଷରୋପଣ


ବୃକ୍ଷରୋପଣ କରାଯାଉଛି ।

ବୌଦ୍ଧ, ୨୩।୪(ସ୍ୱ.ପ୍ର.)

ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ରଥ ନିର୍ମାଣ ପାଇଁ ବୌଦ୍ଧ ଜିଲା ଗିରାସିଙ୍ଗାଠାରେ ପବିତ୍ର ଅକ୍ଷୟ ତୃତୀୟାରେ ନୂତନ ଜଙ୍ଗଲର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଯୋଗଦେଇଥିଲେ। ଏଥିରେ ୨୨ଟି ଫାସି ଗଛ ଲଗାଇ ନୂତନ ଜଙ୍ଗଲ ଶୁଭାରମ୍ଭ କରିଥିଲେ। ଜିଲାରେ ପୂର୍ବରୁ ରହିଥିବା ଜଗନ୍ନାଥ ବନ ପ୍ରକଳ୍ପରୁ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ରଥ ନିର୍ମାଣ ପାଇଁ କାଠ ଯୋଗାଇ ଦିଆଯାଉଛି । ମାତ୍ର ଭବିଷ୍ୟତରେ ଯେପରି ଫାସିକାଠର ଅଭାବ ଦେଖା ନ ଦିଏ ସେଥିପାଇଁ ଏହି ନୂତନ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏସିଏଫ ଆଶିଷ କୁମାର କହଁର, ଫରେଷ୍ଟର ଆନନ୍ଦ ମିଶ୍ର, ସ୍ୱାଧିନ ସାମଲ, ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କୋର୍ଟରେ ହାଜର ପାଇଁ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ

ବରଗଡ଼ ଅଫିସ,୨୩।୪

ବରଗଡ଼ ଉପକାରାଗାରରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ପାଇଁ ନିଯୁକ୍ତ ଓକିଲ ସୁଜିତ କୁମାର ଦାଶଙ୍କୁ କୋର୍ଟ ଆଦେଶ ସତ୍ତ୍ୱେ ଉପକାରାଗାର କର୍ତ୍ତୃପକ୍ଷ ସମ୍ପୃକ୍ତ ବନ୍ଦୀଙ୍କ ସହିତ ଭେଟିବାକୁ ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଓକିଲ ଦାଶ କୋର୍ଟର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଉପକାରାଗାର ଅଧୀକ୍ଷକ ପୁନିରାମ ବାଗଙ୍କୁ ସୋମବାର କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସ୍ପଷ୍ଟୀକରଣ ଦେବାକୁ ଫ୍ୟାମିଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଉପକାରାଗାର ଅଧୀକ୍ଷକ ବାଗଙ୍କୁ ପଚାରିବାରୁ କୋର୍ଟରେ ହାଜର ହେବାକୁ ସେ ନିର୍ଦ୍ଦେଶ ପାଇଥିବା ସ୍ୱୀକାର କରିକହିଛନ୍ତି, ସମ୍ପୃକ୍ତ ଓକିଲ ତାଙ୍କୁ ଆଦୌ ଯୋଗାଯୋଗ କରିନାହାନ୍ତି। ପ୍ରତିଦିନ ଅନେକ ଓକିଲ ଉପକାରାଗାରକୁ ବନ୍ଦୀମାନଙ୍କୁ ଭେଟିବାକୁ ଆସୁଛନ୍ତି ଏବଂ ଭେଟି ଯାଉଛନ୍ତି। ଏଭଳିସ୍ଥଳେ ସମ୍ପୃକ୍ତ ଓକିଲଙ୍କୁ କାହିଁକି ବନ୍ଦୀଙ୍କୁ ଭେଟିବାକୁ ଦିଆଯିବନାହିଁ ବୋଲି ସେ କହିଥିଲେ।

## ବନ୍ଦୀଙ୍କୁ ଭେଟି ପାରିଲେନି ଓକିଲ

ପ୍ରକାଶ ଯେ, ପଡୋଶୀଙ୍କ ସହ ଝଗଡା ଓ ଆକ୍ରମଣ ଅଭିଯୋଗରେ ଭଟଲି ଥାନାରେ ୨୦୧୭ରେ ଡରବି ଓରଫ ଯୋଗେଶ ଲାଲଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ଜଣଙ୍କ ବରଗଡ଼ ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବାବେଳେ ସେ ଆର୍ଥିକ ଅକ୍ଷମତା କାରଣରୁ ନିଜ ମକଦ୍ଦମା ଲଢ଼ିବା ପାଇଁ ଓକିଲ ନିଯୁକ୍ତ କରିପାରି ନ ଥିଲେ। ତେଣୁ ସରକାରଙ୍କ ତରଫରୁ ଅଭିଯୁକ୍ତ ଯୋଗେଶଙ୍କ ମକଦ୍ଦମା ଲଢ଼ିବା ପାଇଁ ଗତ ୧୦ତାରିଖରେ ଓକିଲ ସୁଜିତ କୁମାର ଦାଶଙ୍କୁ ସରକାରଙ୍କ ତରଫରୁ ନିଯୁକ୍ତ କରାଯାଇଥିଲା। ଅଭିଯୁକ୍ତ ଯୋଗେଶଙ୍କ ମାମଲା ସମ୍ପର୍କିତ ବିବରଣୀ ସଂଗ୍ରହ ତଥା ଅଭିଯୁକ୍ତଙ୍କୁ ଭେଟିବା ପାଇଁ ଓକିଲ ଦାଶ ବରଗଡ଼ ଉପକାରାଗାରକୁ ଗତ ୧୨ ଓ ୧୩ ତାରିଖ ଦୁଇଦିନ ଯାଇଥିବା ବେଳେ ତାଙ୍କୁ ଉପକାରାଗାରର ଲିଙ୍ଗରାଜ ସାମଲ ନାମକ ଜଣେ କର୍ମଚାରୀ ଉପକାରାଗାର ଅଧୀକ୍ଷକ ଅନୁପସ୍ଥିତ ଥିବା ଦର୍ଶାଇ ଭେଟିବାକୁ ଦେଇ ନ ଥିଲେ। ତେଣୁ ଓକିଲ ଦାଶ ଦୁଇଦିନ ଫେରିବା ପରେ ଫ୍ୟାମିଲି କୋର୍ଟଙ୍କୁ ଲିଖିତ ଭାବେ ଜଣାଇଥିଲେ। ପରେ କୋର୍ଟ ଅଭିଯୁକ୍ତ ଯୋଗେଶଙ୍କ ସହ ଓକିଲ ଦାଶଙ୍କ ସାକ୍ଷାତ ଅନୁମତି ଦେବାକୁ ଉପକାରାଗାର ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ୧୭ ତାରିଖରେ ଓକିଲ ଦାଶ ନିଜର ଜଣେ ସହଯୋଗୀଙ୍କ ସହ ପୁଣିଥରେ ଅଭିଯୁକ୍ତ ଯୋଗେଶଙ୍କୁ ଭେଟିବା ପାଇଁ ଯାଇଥିଲେ। ପ୍ରାୟ ୧ ଘଣ୍ଟା ଧରି ଉପକାରାଗାର କର୍ତ୍ତୃପକ୍ଷ ଉଭୟଙ୍କୁ ଜେଲ ବାହାରେ ଅପେକ୍ଷା କରାଇବା ପରେ ଉପକାରାଗାର ଅଧୀକ୍ଷକ ପୁନିରାମ ବାଗ ଭିତରୁ ଥାଇ ଓକିଲଙ୍କ ପରିଚୟ ମାଗିଥିଲେ। ଓକିଲ ଦାଶ ନିଜ ପରିଚୟ ଦେବା ସତ୍ତ୍ୱେ ଉପକାରାଗାର ଅଧୀକ୍ଷକ ହେୟଜ୍ଞାନ ପୂର୍ବକ ମୁଲାକାତି ସମୟରେ ଅଭିଯୁକ୍ତଙ୍କୁ ଭେଟିବାକୁ କହିଥିଲେ ବୋଲି ଓକିଲ ଦାଶ ଅଭିଯୋଗ କରିଛନ୍ତି। ଏ ନେଇ ପୁନର୍ବାର ଓକିଲ ଦାଶ କୋର୍ଟଙ୍କୁ ଜଣାଇଥିଲେ। ଏହାପରେ କୋର୍ଟରେ ବ୍ୟକ୍ତିଗତ ହାଜର ହେବା ପାଇଁ ଉପକାରାଗାର ଅଧୀକ୍ଷକଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ବରଗଡ଼ରେ ଜୟଦେବ ଜୟନ୍ତୀ

ବରଗଡ଼ ଅଫିସ, ୨୩।୪

ବରଗଡ଼ ଜିଲା ସଂସ୍କୃତି ଅଧିକାରୀଙ୍କ ସମ୍ମିଳନୀ ପ୍ରକୋଷ୍ଠରେ ରବିବାର ଶ୍ରୀ ଗୀତଗୋବିନ୍ଦର ରଚୟିତା ଭକ୍ତକବି ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାଗବତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କୁମ୍ଭାରୀ ଗ୍ରାମର ବ୍ରଜେଶ୍ୱରୀ ନୃତ୍ୟକଳା ପରିଷଦ ଦ୍ୱାରା ଜୟଦେବଙ୍କ ରଚିତ ଗୀତଗୋବିନ୍ଦର ବନ୍ଦନା କରାଯାଇଥିଲା। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ମହାକାବ୍ୟ ଗୀତ ଗୋବିନ୍ଦରେ ବର୍ଣ୍ଣିତ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ସମ୍ପର୍କର ସେତୁ ବିଷୟରେ ବର୍ଣ୍ଣନା କରିଥିଲେ। କଣ୍ଠଶିଳ୍ପୀ ସୁଶୀଲ କୁମାର ସିଂ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମୌଳିକ ସୁବିଧା ଦାବି କଲା ଚାଷୀ ମୂଲିଆ ସଂଘ


ବୈଠକରେ ଯୋଗଦେଇଥିବା ଚାଷୀମାନେ।

ବୌଦ୍ଧ, ୨୩।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗଠାରେ ନବଗଠିତ ଚାଷୀ ମୂଲିଆ ସଂଘର ଏକ ବୈଠକ ଅକ୍ଷୟ ତୃତୀୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୌଦ୍ଧ ଜିଲାର ମୌଳିକ ସୁବିଧାର ସମାଧାନ ପାଇ ଦାବି କରାଯାଇଛି। ମା' ମାଟି ମଣିଷର ସ୍ୱରକୁ ଶାଣିତ କରିବା ପାଇଁ ଶ୍ରମିକ ନେତା ଅବକାଶ ସାହୁଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଅଞ୍ଚଳରୁ ଛାଷୀମାନେ ସାମିଲ ଥିଲେ । ନରେନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଜିଲାବାସୀଙ୍କ ମୌଳିକ ସୁବିଧାର ସମାଧାନ ନିମନ୍ତେ ଜିଲାରେ ଏକ ଦୃଢ ସଂଗଠନର ଆବଶ୍ୟକତା ଅନୁଭବ କରି ଚାଷୀ ମୂଲିଆ ସଂଘ ନାମରେ ଏକ ସଂଘ ଗଠନ କରାଯାଇଥିଲା । ନବ ଗଠିତ ଚାଷୀ ମୂଲିଆ ସଂଘ ପରିଚାଳନା ପାଇଁ ୨୫ ଜଣିଆ କମିଟି ଗଠନ କରାଯାଇଥିଲା । ଆବାହକ ଭାବେ ଅବକାଶ ସାହୁ, ନରେନ୍ଦ୍ର ସିଂ ଓ ନିରାକାର ସାହୁଙ୍କ ମନୋନୀତ କରାଯାଇଥିଲା । ଜିଲାର ବେକାର ଯୁବକ ମାନଙ୍କ କାମ , ଶିଳ୍ପବିହୀନ ଜିଲାରେ ଶୀତଳ ଭଣ୍ଡାର, ଭିମିହୀନଙ୍କୁ ଜମି, ବାସହୀନଙ୍କୁ ଜମି ଆଦି ଯୋଗାଇ ଦେବାକୁ ଦାବି କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୀକାରି ଭୋଇ, ସୁବ୍ରତ ପ୍ରଧାନ, ହିରଣ୍ୟ ଦୀପ, ନେତ୍ରନନ୍ଦ କହଁର, ଅଲେଖ ସାହୁ, ପଦ୍ମଚରଣ ସାହୁ, ଜୟନ୍ତ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଅକ୍ଷିମୁଠି ଅନୁକୂଳ କଲେ ଉପଜିଲାପାଳ


ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ ସଭାରେ ମଞ୍ଚାସୀନ ଅତିଥି ।

ବୌଦ୍ଧ, ୨୩।୪(ସ୍ୱ.ପ୍ର.)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରବିବାର ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ବୌଦ୍ଧ ବ୍ଲକ ମୃର୍ଷୁଣ୍ଡିଠାରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ରବିନ୍ଦ୍ର ନାଥ କହଁର ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ । ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ବଢିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ, ମୁର୍ଷୁଣ୍ଡି ସରପଞ୍ଚ ମଧୁମତୀ ବେହେରା, ଜିଲା ମତ୍ସ୍ୟଅଧିକାରୀ ଲିପ୍ସା ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ ଯୋଗଦେଇ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଖରିଫ ଚାଷ ଋତୁ ପାଇଁ ଆଗୁଆ ପ୍ରସ୍ତୁତି କର

ଡୁଙ୍ଗୁରିପାଲି ୨୩।୪(ଡି.ଏନ.ଏ. )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କୀପାଲି ପଞ୍ଚାୟତର ଭାଗିଟିକିରା କନ୍ଧାଗାଡ଼ଠାରେ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି । ଏହି ଅବସରରେ କୃଷକ ପରାମର୍ଶଦାତା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଧାନଙ୍କ ସଭାପତିତ୍ୱରେ ଏକ କୃଷକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୃଷି ଜିଲା ଅଧିକାରୀ ଦିଲ୍ଲୀ ରଞ୍ଜନ ମହାଲିକ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବାଙ୍କିପାଲି ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ, ମୁଖ୍ୟବକ୍ତା ଶସ୍ୟ ସଂରକ୍ଷଣ ସହକାରୀ ସୁଦାମ ଚରଣ ଦିଶ୍ରୀ ଯୋଗଦେଇ ଚାଷୀମାନଙ୍କୁ ଅକ୍ଷୟ ତୃତୀୟା ଦିବସର ମହତ୍ତ୍ୱ ଏବଂ ଖରିଫ ଚାଷ ଋତୁ ପାଇଁ ଆଗୁଆ ପ୍ରସ୍ତୁତି ଉପରେ ଆଲୋକପାତ କରିଥିଲେ। କୃଷି ଅଧିଦର୍ଶକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଏବଂ ସଭା ସଂଯୋଜନା କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବପ୍ରଥମେ ଭାଗିଟିକିରା ଗ୍ରାମର ଅଗ୍ରଣୀ ଚାଷୀ ଗୋବିନ୍ଦ ପଧାନଙ୍କ କ୍ଷେତରେ ଅଖିମୁଠି ଅନୁକୂଳ କରାଯାଇଥିଲା। ଚାଷୀଙ୍କ ହଳିଆ ଗୀତ ଏବଂ ମହିଳା କୃଷକଙ୍କ ହୁଳହୁଳି ଧ୍ୱନିରେ ପୂଜାସ୍ଥଳ ମୁଖରିତ ହୋଇ ଉଠିଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ କୃଷି କର୍ମଚାରୀ ସର୍ବଶ୍ରୀ ଗୁରୁଦେବ ସା, ପ୍ରତାପ କୁମାର ଦୀପ, ସାମାଜିକ କର୍ମୀ ରମେଶ ପଧାନ ଏବଂ ଭାଗିଟିକ୍ରା ଗ୍ରାମର ଚାଷୀମାନେ ସହଯୋଗ କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଅକ୍ଷିମୁଠି ଅନୁକୂଳ ପୂର୍ବରୁ କ୍ଷେତରେ ପୂଜାର୍ଚ୍ଚନା କରାଯାଉଛି।

# କାଳଜୟୀ କାବ୍ୟ ସମ୍ପର୍କରେ ଆଲୋଚନା

## କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ



ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ସୁବର୍ଣ୍ଣପୁର,୨୩।୪(ନି.ପ୍ର)

ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ସ୍ଥାନୀୟ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଅତିଥି ବୃନ୍ଦ କବି ଜୟଦେବଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ମୁଖ୍ୟବକ୍ତାଭାବେ କବି ଶ୍ରୀଧର ବାଗ ଏବଂ ସମ୍ମାନିତ ଅତିଥି ଭାବେ ଐତିହାସିକ ତଥା ଗବେଷକ ସୁଦାମ ନାଏକ ଓ ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲିପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଗତ ସଙ୍ଗୀତ ଗାନ କରିଥିଲେ। କୃଷ୍ଣଚନ୍ଦ୍ର ସିନ୍ଧ୍ରିଆ ଓ ସାଥୀ କଳାକାର ମାନେ ଜୟଦେବଙ୍କ ରଚିତ ଶ୍ରୀତ କମଳା କୁଚ ପରିବେଷଣ କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ସାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ବାଗ ଅକ୍ଷୟ ତୃତୀୟା ଦିବସର ତାତ୍ପର୍ଯ୍ୟ ସହିତ କବି ଶ୍ରୀ ଜୟଦେବଙ୍କ ଜୀବନୀ ଓ କାର୍ଯ୍ୟାବଳୀ ତଥା କାଳଜୟୀ ପବିତ୍ର କାବ୍ୟ ଗୀତ ଗୋବିନ୍ଦ ଉପରେ ବକ୍ତବ୍ୟ ରଖିଥିଲେ। ଐତିହାସିକ ସୁଦାମ ନାଏକ କବି ଜୟଦେବଙ୍କ ଜୀବନୀ ବୃତ୍ତାନ୍ତକୁ ତର୍ଜମା କରିବା ସହିତ ତତ୍କାଳୀନ ସମାଜ ଏବଂ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି କାଳଜୟୀ ରଚନାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଶିକ୍ଷକ ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନର ଉପଯୋଗୀତା ସହିତ ଆମର ସମୃଦ୍ଧ ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପଧାନ ଓ ଆଖ୍ୟାୟିକା ତ୍ରିପାଠୀ କବିଶ୍ରୀ ଜୟଦେବଙ୍କ ଜୀବନୀ ଓ କାବ୍ୟକୃତୀ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସାହାରା ଟ୍ରଷ୍ଟ ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାଶି ମହାକୁର ଦଶାବତାର ଓ ଆଦ୍ୟାଶା ପୁରୋହିତ ଶକ୍ତି ବନ୍ଦନା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅନୁଷ୍କା ହୋତା ଓଡିଶୀ ଶିବତାଣ୍ଡବ ନୃତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଜିଲା ସଂସ୍କୃତି ପରିଷଦ ସଦସ୍ୟା ସଦସ୍ୟ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ । ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ସଂକ୍ଷେପରେ

### ଅଘରିଆ ସମାଜ ପକ୍ଷରୁ ଅକ୍ଷୟ ତୃତୀୟା ପାଳିତ

ସୁନ୍ଦରଗଡ଼,୨୩।୪(ଡି.ଏନ.ଏ.): ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶା ପ୍ରଦେଶ ଗାଙ୍ଗପୁର ଆଞ୍ଚଳର ବନ୍ଧପାଲି ପେଟ୍ରୋଲ ପମ୍ପ ମନ୍ଦିରଠାରେ ଅଗ୍ରିଆ ଦିବସ ଓ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଗାଙ୍ଗପୁର ଆଞ୍ଚଳିକ କମିଟି ସଭାପତି ପ୍ୟାରୀ ମୋହନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡା. ଅରୁଣ କୁମାର ପଟେଲ, ଦିଲୀପ କୁମାର ପଟେଲ, ସ୍ନେହଲତା ପଟେଲ, ସନାତନ ନାଏକ, ଦୁର୍ଗା ମାଧବ ପଟେଲ,ନବୀନ ଚନ୍ଦ୍ର ପଟେଲ,ଉମାକାନ୍ତ ପଟେଲ,ଦିବ୍ୟଶଙ୍କର ପଟେଲ, ଅଭୟ ଚୌଧୁରୀ, ପଦ୍ମନ ପଟେଲ, ପିତାମ୍ବର ନାଏକ, ଉମେଶ ଚନ୍ଦ୍ର ନାଏକ, ପ୍ରେମ କୁମାର ପ୍ରମୁଖ ଯୋଗଦେଇ ଅକ୍ଷୟ ତୃତୀୟା ଓ ଆଗ୍ରିଆ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

### ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ

କୁଚିଣ୍ଡା,୨୩।୪(ଡି.ଏନ.ଏ.): କୁଚିଣ୍ଡା ବ୍ରାହ୍ମଣ ସମାଜ ପକ୍ଷରୁ ରବିବାର ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସୁସଜ୍ଜିତ ରଥରେ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମହିଳାପୁରୁଷ ମନ୍ଦିର ଛକସ୍ଥିତ ଜଗନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି କୁଣ୍ଡେଶ୍ୱର ଶିବମନ୍ଦିରରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଘଣ୍ଟ ବାଦ୍ୟ, ଗଉଡବାଡି, ସଂପ୍ରଦା ଆଦି ଦଳ ସହ ସୁନିଲ କର, ଜୁବଲି ମିଶ୍ର ଓ କୁନି କଳାକାରଙ୍କ ଦ୍ୱାରା ପର୍ଶୁରାମ ଅଭିନୟ ଶୋଭାବର୍ଦ୍ଧନ କରିଥିଲା। ପରେ ପର୍ଶୁରାମ ଜୟନ୍ତୀ କମିଟି ସଭାପତି ତପନ ମହାପାତ୍ରଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ପିଙ୍କୁ ପାଣି, କୋଷାଧ୍ୟକ୍ଷ ଦୀନେଶ ନନ୍ଦ, ସିମନ ଦ୍ୱିବେଦୀ, ଓମ୍ ମହାପାତ୍ର, ପ୍ରଭାତ ଶର୍ମା ଯୋଗଦେଇ ଆଲୋଚନା କରିଥିଲେ।

### ଜମନକିରାରେ ଅଖିମୁଠି ଅନୁକୂଳ



ଜମନକିରା,୨୩।୪(ଡି.ଏନ.ଏ.): ଜମନକିରା ବ୍ଲକ ପ୍ରଶାସନ ପକ୍ଷରୁ ରବିବାର କସଡା ପଞ୍ଚାୟତଠାରେ ପବିତ୍ର ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ ହୋଇଯାଇଛି। ଧାନକ୍ଷେତରେ ପୂଜାର୍ଚ୍ଚନା ପରେ ହଳ କରାଯାଇ ବିହନ ବୁଣାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝି ଏଥିରେ ଅଧକ୍ଷତା କରିଥିଲେ। କୃଷକ ସଂଗଠନ ସଭାପତି ବିରେନ୍ଦ୍ର ଚୌଧୁରୀ ମୁଖ୍ୟଅତିଥି, ବିଜେଡି ସଭାନେତ୍ରୀ ସ୍ନିଗ୍ଧା ପଟେଲ, ବ୍ଲକ ଉଦ୍ୟାନ ଅଧିକାରୀ ହିତେଶ ବଡ଼େଇ, ବ୍ଲକ ସହକାରୀ ମତ୍ସ୍ୟ ସମ୍ପଦ ଅଧିକାରୀ ସୁନିଲ ରଣା, ସହକାରୀ କୃଷି ଅଧିକାରୀ ଜଗଦୀଶ ପ୍ରସାଦ ଧାନ, ଗ୍ରାମ ସେବକ କୋଦଣ୍ଡ କାଲୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ।

### ରାଧାଗୋବିନ୍ଦ ମନ୍ଦିରର ବାର୍ଷିକୋତ୍ସବ

କୁଆଁରମୁଣ୍ଡା,୨୩।୪(ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସିଟି ସ୍କୁଲ ରୋଡରେ ଥିବା ରାଧାଗୋବିନ୍ଦ ମନ୍ଦିରର ବାର୍ଷିକୋତ୍ସବ ପ୍ରତିବର୍ଷ ପରି ଚଳିତବର୍ଷ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଧୁମଧାମରେ ପାଳିତ ହେଉଛି। ଏହି ଉପଲକ୍ଷେ ରବିବାର ସକାଳ ସାଢେ ୧୧ଟାରେ ଦହି, ମହୁ, ଫୁଲ, ଫଳମୂଳ ସହ ଅନ୍ୟାନ୍ୟ ବିଶେଷ ସାମଗ୍ରୀରେ ପ୍ରଭୁ ରାଧାଗୋବିନ୍ଦଙ୍କ ଅଭିଷେକ କରାଯାଇଛି। ଦିନସାରା ମନ୍ଦିରରେ କୀର୍ତ୍ତନ ଚାଲୁଥିଲା। ସନ୍ଧ୍ୟାରେ ଭଜନ ସମାରୋହ ଓ ପ୍ରସାଦସେବନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ହୋଇଥିବା ଜଣାପଡିଛି। ମନ୍ଦିରର ସଂସ୍ଥାପକ ଶୀତଳ ପ୍ରସାଦ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ମନ୍ଦିର ଟ୍ରଷ୍ଟର ସଭାପତି ଦେବବ୍ରତ ଦାଶ, ଉପସଭାପତି ଶୈଳେଶ ତିୱାରୀ, ସମ୍ପାଦକ ମହେଶ୍ୱର ମିଶ୍ର, ସହ ସମ୍ପାଦକ ଶିବନାରାୟଣ ସାହୁ, କୋଷାଧକ୍ଷ ଗୌରାଙ୍ଗ ଚରଣ ସାହୁ, ଶରତ ପଲେଇ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି।

# କ୍ରୂର ଶାସକର ମଣିଷପଣିଆ ପ୍ରତିଫଳିତ

## ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ 'ପୌରସ' ମଞ୍ଚସ୍ଥ

ରାଉରକେଲା ଅଫିସ,୨୩।୪

ରାଉରକେଲା ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ୨୪ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ସିଭିକ୍ ସେଣ୍ଟରରେ ମଞ୍ଚସ୍ଥ ହୋଇଯାଇଛି ଢେଙ୍କାନାଳ ଅଲଟରନେଟିଭ ରିଦିମ୍ ଥିଏଟର ପରିଚାଳିତ ତଥା ନାଟ୍ୟକାର ଓ ନିର୍ଦ୍ଦେଶକ ଦିନେଶ ଦାସଙ୍କ ନିର୍ଦ୍ଦେଶିତ ଐତିହାସିକ ନାଟକ 'ପୌରସ'। ଏହି ନାଟକ ପ୍ରାୟ ୨୩୪୮ ବର୍ଷ ତଳର କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଛି।

୨୩୪୮ ବର୍ଷ ତଳେ ଝେଲମ୍ କୁଳରେ ତାଣ୍ଡବ ସୃଷ୍ଟି କରିଥିଲା ଏକ ରକ୍ତରଞ୍ଜିତ ଝଡ଼। ସେହି ଝଡ଼ର ସୂତ୍ରଧର ମ୍ୟାସିଡ଼ୋନିଆର କ୍ରୁର ବିସ୍ତାରବାଦୀ ଆକ୍ରମଣକାରୀ ଶାସକ ଆଲେକ୍ଜାଣ୍ଡାର ଥିଲେ। ଯିଏକି ସୁନାର ଭାରତକୁ ଅକ୍ତିଆର କରିବାକୁ ସ୍ୱପ୍ନ ଦେଖିଥିଲେ। ସେହି ଭୀଷଣ ଝଡ଼କୁ ସାମ୍ନା କରିବାକୁ ଆଗେଇ ଆସିଥିଲେ ପୌରବ ରାଜ୍ୟର ମହାରାଜା ପୌରସ। ଅଖଣ୍ଡ ଭାରତ ନିର୍ମାଣ ପାଇଁ ସତେ ଯେମିତି ତାଙ୍କର ଜନ୍ମ ହୋଇଥିଲା। ସେ ଶୈଶବରୁ ଷଡ଼ଯନ୍ତ୍ର ଶିକାର ହୋଇ ମଧ୍ୟ ସମସ୍ତ ପ୍ରତିକୂଳତାକୁ ପ୍ରତିହତ କରି ଗଢିଥିଲେ ଭିନ୍ନ ଏକ ରାମରାଜ୍ୟ। ସମ୍ମୁଖ ଯୁଦ୍ଧରେ ସମ୍ରାଟ ଆଲେକ୍ଜାଣ୍ଡାରଙ୍କୁ ବାରମ୍ବାର ପରାସ୍ତ କରିବା ପରେ ଶେଷରେ ଷଡ଼ଯନ୍ତ୍ରର ଶିକାର ହୋଇ ବନ୍ଦୀ ହେଲେ। ବନ୍ଦିଶାଳାରେ ପୌରସଙ୍କ କଥା ସବୁ ସମ୍ରାଟ ଆଲେକ୍ଜାଣ୍ଡାରଙ୍କୁ ବିଚଳିତ କରେ। ଆଉ ଘଟେ ଅଦ୍ଭୂତ ପରିବର୍ତ୍ତନ। ଏହାଦେଖି ଆଶ୍ଚର୍ଯ୍ୟ ହୁଅନ୍ତି ମହାରାଜା ପୌରସ। ଯେଉଁ ଭାରତରେ ଜଣେ ଦସ୍ୟୁ ମୁନି ହୋଇପାରେ, ସେଇ ଭାରତରେ ଏତେ ଦିନ ରହିବା ପରେ ଜଣେ କ୍ରୁର ବିସ୍ତାରବାଦୀ ଶାସକ ମଣିଷ ହେବ ନାହିଁ କିପରି ବୋଲି କୁହନ୍ତି ସମ୍ରାଟ ଆଲେକ୍ଜାଣ୍ଡାର। ରାଜା ପୌରସଙ୍କ ପାଖରେ ହାରିଯାଇଥିବା ସ୍ୱୀକାର କରିଛନ୍ତି ସମ୍ରାଟ ଆଲେକ୍ଜାଣ୍ଡାର। ଶେଷରେ ମହାରାଜା ପୌରସଙ୍କୁ ରାଜ୍ୟ ଓ ତାଙ୍କ ରାଜପଦ ଦେଇ ନିଜ ରାଜ୍ୟକୁ ଫେରିଯାଆନ୍ତି ସମ୍ରାଟ ଆଲେକ୍ଜାଣ୍ଡାର। ମହାରାଜା ପୌରସଙ୍କ ବୀରତ୍ୱର ଗାଥା ପ୍ରଘଟ କରିଥିଲା ଏହି ନାଟକ। ନାଟକରେ ବିନୟ କୁମାର ଦାସ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଅଭିନୟରେ ମନୋହର ଶତପଥୀ, କାମାକ୍ଷା ପ୍ରସାଦ ରାଣା, ଭୁବନ ମୋହନ ସ୍ୱାଇଁ, ଜୟଦେବ ଶତପଥୀ, ମାଧବ ହେମବ୍ରମ, ପ୍ରମୋଦ କୁମାର ଦାଶ, ସୁଜିତ ଦେବତା, ଜୟଚନ୍ଦ୍ର ମହାପାତ୍ର, ଆଶୁତୋଷ ପାଢୀ, ସତ୍ୟଜିତ ରାଉତ, ବିଶ୍ୱଜିତ ସାହୁ, ନିରଂଜନ ମହାନ୍ତି, କାର୍ତ୍ତିକ ପୃଷ୍ଟି, ପୁରୁଷୋତ୍ତମ ବେହେରା, ବିଜୟ କୁମାର ମିଶ୍ର, ସୁମିତ୍ରା ଦେବତା, ରାମେଶ୍ୱରୀ ପଟ୍ଟନାୟକ, ଦୀପା ଦେବଯାନୀଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର ଦାସଙ୍କ ଉପସ୍ଥିତିରେ ଡାକ୍ତର ଗୋଷ୍ଠ ଚନ୍ଦ୍ର ପତ୍ରୀ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପୌରସ ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ଦିନେଶ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପୂର୍ବରୁ ସକାଳେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣରେ କବିତା ଲିଖନ ଓ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେଶର ଶଙ୍କର ପ୍ରସାଦ ତ୍ରିପାଠୀ, କବି ବିଜୟ ରାୟ ଏବଂ ଅଙ୍ଗୁରବାଳା ପରିଡ଼ା କବିତା ଗୁଡ଼ିକର ମୁଲ୍ୟାଙ୍କନ କରିଥିଲେ। ଇଂ. ଅଶୋକ କୁମାର ପଟ୍ଟନାୟକ ପ୍ରତିଯୋଗିତା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସୋମବାର ସକାଳେ ଗଳ୍ପଲିଖନ ଓ ଗଳ୍ପକଥନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ତୃତୀୟ ସନ୍ଧ୍ୟାରେ ଭୁବନେଶ୍ୱରର ବାଗ୍‌ଦେବୀ ଲିଟରେଚର ଟ୍ରଷ୍ଟ ଦ୍ୱାରା ଶରତ ଆଚାର୍ଯ୍ୟଙ୍କ ରଚିତ ଏବଂ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ 'ଓଡ଼ଶ' ମଞ୍ଚସ୍ଥ ହେବ।



ଦ୍ୱିତୀୟ ସନ୍ଧ୍ୟାରେ ନାଟକ ପୌରସର ଏକ ଦୃଶ୍ୟ ।

# ପୁଣି କାୟା ମେଲାଉଛି କରୋନା

**ସୁନ୍ଦରଗଡ଼ ଜିଲା**

ସୁନ୍ଦରଗଡ଼,୨୩।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାରେ ଏବେ ପୁଣି କାୟା ମେଲାଉଛି କରୋନା। ଶନିବାର ରାତିରେ ସୁନ୍ଦରଗଡ଼ କୋଭିଡ୍ କେୟାର ହସପିଟାଲରେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିଲାବେଳେ ଗତ ୫ତାରିଖରେ ରାଉରକେଲାରେ ଜଣଙ୍କର ମୃତ୍ୟୁ ଘଟିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏନେଇ ସ୍ପଷ୍ଟ କରିଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ସୂଚନା ମୁତାବକ ଜିଲାରେ ଗତ ମାର୍ଚ୍ଚ ୩୧ରୁ ଚଳିତ ୨୨ଅପ୍ରେଲ ପର୍ଯ୍ୟନ୍ତ ୧୦୪୧୪ ବ୍ୟକ୍ତିଙ୍କ ନମୂନା ପରୀକ୍ଷା କରାଯାଇଛି। ଏଥିରୁ ଆର୍‌ଟିପିସିଆର ପାଇଁ ୪୪୭୨ ନମୂନା ଏବଂ ଆରଏଟି ସହିତ ୫୯୩୭ ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୫୨୫ଟି ନମୁନା ପଜିଟିଭ ଚିହ୍ନଟ ହୋଇଛି। ଏହି ସମୟରେ ୫୨୨ ଜଣ ସୁସ୍ଥ ହୋଇ ଡିସଚାର୍ଜ ହୋଇଛନ୍ତି। ରାଉରକେଲା ଆର୍‌ଜିଏଚ୍ ଏବଂ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଏବଂ ହସପିଟାଲ କୋଭିଡ କେୟାର ହସପିଟାଲରେ ଚିକିତ୍ସା ବ୍ୟବସ୍ଥା ହୋଇଛି। ୯୮୫ଟି କେଶ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ସ୍ଥିତିକୁ ନିୟମିତ ନଜର ରଖାଯାଇଛି। ଜନସାଧାରଣ ମାସ୍କ ବ୍ୟବହାର ସହ କୋଭିଡ୍‌ର ଉପଯୁକ୍ତ ଆଚରଣ ପାଳନ କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଥିବାବେଳେ ଶନିବାର ରାତିରେ ମୃତ୍ୟୁ ହୋଇଥିବା ବ୍ୟକ୍ତି କୋଭିଡ୍ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ହେଲେ ତାଙ୍କର ମଧୁମେହ ଓ ଅନ୍ୟାନ୍ୟ ଜଟିଳତା ଥିବାରୁ ତାଙ୍କର ମୃତ୍ୟୁର କାରଣ ଯାଞ୍ଚ ପରେ ସ୍ପଷ୍ଟ କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ସରୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି।

# ଗୀତଗୋବିନ୍ଦ ଅମୂଲ୍ୟ ଗ୍ରନ୍ଥ ଭାବେ ବିଶ୍ୱବିଦିତ



କାର୍ଯ୍ୟକ୍ରମରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ରାଉରକେଲାରେ ଭକ୍ତକବି ଜୟଦେବ ଜୟନ୍ତୀ**

ରାଉରକେଲା ଅଫିସ,୨୩।୪

ରାଉରକେଲା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରବିବାର ଉଦିତନଗର ସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଭକ୍ତକବି ଜୟଦେବ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ସୂଚନା ଓ ସମ୍ପର୍କ ଅଧିକାରିଣୀ ସୀମା ଫାତିମା ଏକ୍କାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୟଦେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଜୟଲକ୍ଷ୍ମୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଜୟଦେବଙ୍କ କବିତା କିଭଳି ପ୍ରେମ ଭାବନାକୁ ଜୀବନ୍ତ କରେ ତାର ଅବର୍ଣ୍ଣନୀୟ ଗାରିମାକୁ ଉପସ୍ଥାପନ କରିଥିଲେ। ଜୟଦେବ କୃତ ଗୀତଗୋବିନ୍ଦ ଅମୂଲ୍ୟ ଗ୍ରନ୍ଥ ଭାବେ ବିଶ୍ୱବିଦିତ ବୋଲି ସେ ଦର୍ଶାଇଥିଲେ। ଆରଏମସି ଉପ ଆୟୁକ୍ତ ରନିତ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୟଦେବଙ୍କ କାବ୍ୟ ଏବଂ କବିତାର ମୁଖ୍ୟାଂଶ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସିନିୟର ଗ୍ରୁପ୍‌ରେ ଡିଏଭି ପବ୍ଲିକ ସ୍କୁଲର ପ୍ରିୟଙ୍କା କୁମାରୀ ପ୍ରଥମ ସ୍ଥାନ, ଆରୁଷି ପରିଡା ଦ୍ୱିତୀୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ସଂସ୍କୃତି ପାତ୍ର ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଜୁନିୟର ଗ୍ରୁପ୍‌ରେ ସେଣ୍ଟ ପଲ ସ୍କୁଲର ଶ୍ରୀୟାଂଶୀ ରାଉତ ପ୍ରଥମ, ବିକାଶ ଗ୍ଲୋବାଲ ସ୍କୁଲର ସାଇ ମୋହନ ପାତ୍ର ଦ୍ୱିତୀୟ ଓ ଡିଏଭି ପବ୍ଲିକ ସ୍କୁଲର ଆୟୁଷ୍ମାନ ଦାଶ ତୃତୀୟ ସ୍ଥାନ ଲାଭ କରି ପୁରସ୍କୃତ ହୋଇଥିଲେ।

# ଶହୀଦ ଆଦିବାସୀଙ୍କ ନାଁ ସ୍କୁଲ ପାଠ୍ୟକ୍ରମରେ ରହୁ

**ଦାବିକଲା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା**

ରାଉରକେଲା ଅଫିସ,୨୩।୪



ଖବରଦାତା ସମ୍ମିଳନୀରେ ଜେଏମ୍‌ଏମ୍ ସଦସ୍ୟମାନେ ସୂଚନା ଦେଉଛନ୍ତି।

ଗତ ତା୨୫।୪।୩୯ରିଖରେ ଖୁଟକାଟି ଆନ୍ଦୋଳନରେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡା ଏବଂ ତାଙ୍କର ୫୧ ଜଣ ସହଯୋଗୀଙ୍କ ଉପରେ ବ୍ରିଟିଶ ଶାସନାଧୀନ ଇଷ୍ଟ ଇଣ୍ଡିଆ କମ୍ପାନୀର ବର୍ବରକାଣ୍ଡରେ ଜୀବନ ଦେଇଥିବା ଆଦିବାସୀଙ୍କ ହକ୍ ଦାବି ଜୋର୍ ଧରିଛି। ଏହି ଆଦିବାସୀ ଶହୀଦମାନଙ୍କ ନାଁ ସ୍କୁଲ ପାଠ୍ୟକ୍ରମରେ ରଖିବା ସହ ଅନ୍ୟାନ୍ୟ ଦାବି କରିଛି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା। ଏହି କ୍ରମରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଜେଏମ୍‌ଏମ୍ ପକ୍ଷରୁ କୁହାଯାଇଛି, ଆମ୍‌କୋ ସିମ୍‌କୋ ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ଦିବସ ଉପଲକ୍ଷେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ରାଜ୍ୟ ସଭାପତି ଅଳୀ ସୋରେନ ସୋମବାର ରାଉରକେଲାରେ ପହଞ୍ଚିବେ। ମଙ୍ଗଳବାର ବୀରମିତ୍ରପୁର ଅଭିମୁଖେ ମୋର୍ଚ୍ଚା ପକ୍ଷରୁ ଯାତ୍ରା କରାଯିବ। ଯାତ୍ରାରେ ଦାବି ପୂରଣ ନେଇ ସବୁଠି କର୍ମଶାଳା ହେବ। ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ମାଲ୍ୟାର୍ପଣ କରିବା ପରେ ଚାନବାହାଲ ଗାଁରେ ବିଶାଳ ସମାବେଶ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଲେଥା ତିର୍କୀ, ସହ ସମ୍ପାଦକ ଅମିତ ଶର୍ମା, ଜିଲା ସଭାପତି ପାତ୍ରସ ଏକ୍କା, ଜିଲା ସମ୍ପାଦକ କାହ୍ନୁ ମଣ୍ଡଳ, କୋଷାଧ୍ୟକ୍ଷ ରିତ ଖେରୁଆ ଓ ବନ୍ଦନା ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷକ ଦିବସ ପାଳିତ

ଗୋଲାମୁଣ୍ଡା,୨୩।୪(ଡି.ଏନ୍.ଏ.)

ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲରେ ଅକ୍ଷୟତୃତୀୟା ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ବ୍ଲକ ସ୍ତରୀୟ କୃଷକ ଦିବସରେ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମିଲେଟ ମିଶନ ପକ୍ଷରୁ ଗୋଲାମୁଣ୍ଡା ବ୍ଲକ ଫୁଣ୍ଡା ଗ୍ରାମର ମା' ସାବିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଏକ ଫୁଡ ଫେଷ୍ଟିଭାଲ ପ୍ରଦର୍ଶନ ହୋଇଥିଲା। ମାଣ୍ଡିଆରୁ ତିଆରି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଅତିଥି ଓ ଉପସ୍ଥିତ ଚାଷୀଙ୍କୁ ଖାଇବାକୁ ଦିଆଯାଇଥିଲା। ମିଲେଟ ମିଶନ ଜରିଆରେ ମାଣ୍ଡିଆ ଚାଷ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରାଯିବ ବୋଲି ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ କହିଥିଲେ।

# କୋଲାବିରାରେ ଅଖିମୁଠି ଅନୁକୂଳ

କୋଲାବିରା,୨୩।୪ (ଡି.ଏନ.ଏ.)

ପବିତ୍ର ବୈଶାଖ ଶୁକ୍ଳ ଅକ୍ଷୟ ତୃତୀୟା କୋଲାବିରା ଅଞ୍ଚଳରେ ପାଳିତ ହୋଇଯାଇଛି। ଅଞ୍ଚଳର କୃଷିଜୀବୀମାନେ କ୍ଷେତରେ ହଳକରି ଅଖିମୁଠି ଅନୁକୂଳ କରିଛନ୍ତି। ଅକ୍ଷୟ ତୃତୀୟା ଚାଷୀମାନଙ୍କ ଚାଷ ଅନୁକୂଳର ପର୍ବ। ଏହି ପବିତ୍ର ଦିବସରେ ଅଞ୍ଚଳର ଚାଷୀମାନେ ପରମ୍ପରା ଅନୁଯାୟୀ ଭୂମିପୂଜା ଓ ଶସ୍ୟପୂଜା ଉଦ୍ଦେଶ୍ୟରେ ନୂତନ ବସ୍ତ୍ର ପରିଧାନ କରି କ୍ଷେତରେ ଧାନବୁଣି ଆଗାମୀ ଖରିଫ ଋତୁ ପାଇଁ ଚାଷ ଅନୁକୂଳ କରିଥିଲେ। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ପୁରପଲ୍ଲୀରେ ଏହି ପର୍ବକୁ ଖୁବ୍ ଉତ୍ସାହର ସହ ପାଳନ କରାଯାଇଛି।



କୋଲାବିରାରେ କ୍ଷେତରେ ଅଖିମୁଠି ଅନୁକୂଳ କରାଯାଉଛି।

# କୃଷିବିଭାଗ ପକ୍ଷରୁ କୃଷକ ଦିବସ

ରେଢ଼ାଖୋଲ,୨୩।୪(ଡି.ଏନ.ଏ.)

ରେଢ଼ାଖୋଲ କୃଷିବିଭାଗ ପକ୍ଷରୁ ବ୍ଲକର କୁକୁଡାବାହାଲି ପଞ୍ଚାୟତର କାଙ୍କଣପଡା ଗ୍ରାମରେ ରବିବାର କୃଷକ ଦିବସ ଓ ଅକ୍ଷୟ ତୃତୀୟା ପାଳିତ ହୋଇଛି। ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି ଓ କୃଷି ଜିଲା ଅଧିକାରୀ ସୁବ୍ରତ ସାହୁ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ସରପଞ୍ଚ ରାଜା ପାଲ, ସମିତିସଭ୍ୟ ଦିବାକର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା। ଅତିଥିମାନେ ସରକାର କୃଷି ଓ କୃଷକ କଲ୍ୟାଣ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରିଥିଲେ। ସହକାରୀ କୃଷି ଅଧିକାରୀ ଗଗନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଅତିଥିମାନେ ଜମିରେ ହଳ କରି ମୁଠି ଅନୁକୂଳ କରିଥିଲେ।

# ଫୁଲ୍‌ଧୁଡି ଗ୍ରାମରେ ଅକ୍ଷୟ ତୃତୀୟା ପାଳିତ



ଫୁଲ୍‌ଧୁଡିରେ ଅକ୍ଷୟ ତୃତୀୟା ପାଳନ ଅବସରରେ ଯୋଗଦେଇଥିବା ଚାଷୀ ଓ ଅନ୍ୟମାନେ।

ସୁନ୍ଦରଗଡ଼,୨୩।୪(ଡି.ଏନ.ଏ.)

ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଫୁଲଧୁଡି ଗ୍ରାମରେ ରବିବାର ପାରମ୍ପାରିକ ରୀତିରେ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଟାଙ୍ଗରପାଲି କୃଷି ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକର କୃଷକ ଉପଦେଷ୍ଟା କମିଟିର ଅଧକ୍ଷ ଅଭିଷେକ ତନ୍ତୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଅକ୍ଷୟ ତୃତୀୟା ପୂଜାର ମୁଖ୍ୟ ପୁରୋଧା ସାଜିଥିଲେ। ପ୍ରଥମେ ଫୁଲଧୁଡି ଗାଁରେ ସଚେତନତା ସଭା ଓ ପାରମ୍ପରିକ ପୂଜା ହେବା ପରେ ଗ୍ରାମର ଯଦୁମଣି ପୃଷେଠଙ୍କ ବିଲରେ ହଳ କରି ଧାନମଞ୍ଜି ବୁଣା ଯାଇଥିଲା। କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକ କୃଷି ଅଧିକାରୀ ସୁନିଆ ଟପ୍ପୋ, ସହକାରୀ କୃଷି ଅଧିକାରୀ ସୁଶ୍ରୀତା ନାଏକ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। ଫୁଲଧୁଡ଼ି ବନ ସୁରକ୍ଷା ସମିତି ଓ ବସୁଧା କୃଷକ ଉତ୍ପାଦକ କମ୍ପାନୀର ସଭ୍ୟାସଭ୍ୟ ସହଯୋଗ କରିଥିଲେ।

# ଗୀତ ଗୋବିନ୍ଦ ପଦ୍ୟାବଳୀର ମଧୁରତା କାଳଜୟୀ

ସୁନ୍ଦରଗଡ଼, ୨୩।୪(ଡି.ଏନ୍.ଏ.)

**ସୁନ୍ଦରଗଡ଼ ଜିଲାସ୍ତରୀୟ ଜୟଦେବ ଜୟନ୍ତୀ ସମାରୋହ**




ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହର ମଞ୍ଚାସୀନ ଅତିଥି

ଭକ୍ତକବି ଜୟଦେବଙ୍କ ଅନନ୍ୟ ସାରସ୍ୱତ କୃତି ଗୀତଗୋବିନ୍ଦର କାନ୍ତ କୋମଳ ଲଳିତ ପଦ୍ୟାବଳୀର ମଧୁରତା କାଳଜୟୀ। ପ୍ରାଚୀନ ଓଡ଼ିଶାର ଏହି ମହାନ ସାରସ୍ୱତକୃତୀ ଭାରତୀୟ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ସମ୍ପଦ। ଏହି ଶାଶ୍ୱତ ଚିନ୍ତନର ଅମୃତ ବାରିଧାରା ଆମଜାତି ଭାଷା, ସାହିତ୍ୟ ସଂସ୍କୃତିକୁ ଋଦ୍ଧିମନ୍ତ କରିପାରିଛି ବୋଲି ରବିବାର କବି ଜୟଦେବଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଚାରୁ ଓ କାରୁକଳା ମହାବିଦ୍ୟାଳୟ କଳାୟତନ ପରିସରରେ ଆୟୋଜିତ ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି ଜୟଦେବଙ୍କ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଗଭୀର ଭକ୍ତିଭାବର ଧାରା ତାଙ୍କ ସାରସ୍ୱତ କୃତି ଗୀତ ଗୋବିନ୍ଦରେ ପ୍ରତିଫଳିତ ହୋଇ ଓଡ଼ିଆ ଜାତି ତଥା ଓଡ଼ିଆ ଭାଷା ସଂସ୍କୃତିକୁ ମହାନ୍ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଝାରସୁଗୁଡା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଚିରବ୍ରତ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ଜୟଦେବଙ୍କ ଗୀତ ଗୋବିନ୍ଦର ଦଶାବତାର କାବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ସୁସ୍ମିତା ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଜୟଦେବଙ୍କ ସାରସ୍ୱତ ସୃଷ୍ଟି ଗୀତ ଗୋବିନ୍ଦର ଶାଶ୍ୱତ ଚିନ୍ତନର ଭାବଧାରା ଓ ଶ୍ରୀଜଗନ୍ନାଥ ଚେତନା, ଗୀତ ଗୋବିନ୍ଦର ସୁମଧୁର ପଦ୍ୟାବଳୀ ଆମ ଓଡିଶାର ଶାସ୍ତ୍ରୀୟ ନୃତ୍ୟ ଓଡିଶୀ ନୃତ୍ୟ ଓ ବୟନଶିଳ୍ପକଳାରେ ପ୍ରତିଫଳିତ ହୋଇଛି। ଆଗାମୀ ପିଢିଙ୍କ ମଧ୍ୟରେ ଏହି ସାରସ୍ୱତ ଚେତନା ବିକଶିତ ହେଉ ବୋଲି ଆଶାବ୍ୟକ୍ତ କରିଥିଲେ। କର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ କବି ଜୟଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଯୁବ ଗାଳ୍ପିକ ବିବିଧ ବିଶ୍ୱ ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ଓ ସଭା ସଞ୍ଚାଳନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖା ଧନ୍ୟବାଦ ଦେଇଥିଲେ। ପାଲା ଗାୟକ ସୁଦର୍ଶନ ତାଜନ ଓ ସାଥୀଙ୍କ ଦ୍ୱାରା କବି ଜୟଦେବଙ୍କ ଗୀତ ଗୋବିନ୍ଦର ଦଶାବତାର ପ୍ରସଙ୍ଗକୁ ନେଇ ପାଲା ପରିବେଷିତ ହୋଇଥିଲା। ଜିଲା ସଂସ୍କୃତି ବିଭାଗର ସ୍ୱର୍ଣ୍ଣପ୍ରଭା ହେମ୍ବ୍ରମ, ଅଲେଖ ମାଝୀ ଓ ଗୁରୁଚରଣ ତାଜନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଅକ୍ଷୟତୃତୀୟା ଅବସରରେ ପୋଢ଼ ବଳି**

କେସିଙ୍ଗା,(ଡି.ଏନ୍.ଏ.): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ମାଟିଆ ଗ୍ରାମ ଉପରପଡ଼ାରେ ରବିବାର ସକାଳ ୮ଟା ସମୟରେ ଗ୍ରାମ ଦେବାଦେବୀ ମା' କନ୍ଦ ବୁଢ଼ା କନ୍ଦେନ ବୁଢ଼ିଙ୍କ ନିକଟରେ ପୋଢ଼ ବଳି ଦିଆଯାଇଥିଲା। ଅକ୍ଷୟତୃତୀୟା ଅବସରରେ ଧରଣୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ତୃତୀୟା ଅବସରରେ ମାଟିଆ ଗ୍ରାମବାସୀ ସାତ ଦିନ ସାତ ରାତି ଉଜାଗର ରହି ଗ୍ରାମର ସମସ୍ତ ଦେବାଦେବୀଙ୍କୁ ପୂଜାପାଠ କରିଥିଲେ। ଏହି ପୋଢ଼ ବଳି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆଜିକୁ ପ୍ରାୟ ୩୫ ବର୍ଷ ଧରି ଗ୍ରାମରେ ଏହି ପୋଢ଼ ବଳି ଯାତ୍ରା ଚାଲିଆସୁଛି।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ନୂଆପଡ଼ା ଅଫିସ,୨୩।୪: ନୂଆପଡା ଜିଲା କୋମନା ବନ ବିଭାଗ ରେଞ୍ଜ ଅଧିନ ଛତା ଗାଁ ଧୋବେନପଡାର ଜଣେ ବୃଦ୍ଧ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଦଶରଥ ମାଝି (୫୭)। ଦଶରଥ ମାଝି ରବିବାର ସକାଳେ ଛେଳି ଚରାଇବା ପାଇଁ ଗାଁ ପାଖ ଡଙ୍ଗରକୁ ନେଇଥିଲେ। ମଧ୍ୟାହ୍ନରେ ଜଙ୍ଗଲରୁ ଏକ ଭାଲୁ ବାହାରି ବୃଦ୍ଧଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ପାଖ ଲୋକେ ଭାଲୁକୁ ଜଙ୍ଗଲକୁ ଘଉଡାଇବା ସହ ଦଶରଥଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ରହିଛି।

### ରାସ୍ତା ପାଇଁ ଜମି ଦାନ କଲେ ୩ ବଦାନ୍ୟ ବ୍ୟକ୍ତି

ଭବାନୀପାଟଣା,୨୩।୪(ସ୍ୱ.ପ୍ର.): ଭବାନୀପାଟଣାର କିଛି ଚାଷୀ ଅକ୍ଷୟ ତୃତୀୟା ଅବସରରେ ଲୋକଙ୍କ ସୁବିଧା ପାଇଁ ନିଜ ଚାଷ ଜମି ଦାନ କରି ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେମାନେ ହେଲେ ବିଭୂତି ଭୂଷଣ ଦେଓ, ଗଙ୍ଗାଧର ପ୍ରଧାନ ଓ ସନ୍ତୋଷ ମୁଣ୍ଡ। ଭବାନୀପାଟଣାଠାରୁ ୫ କିଲୋମିଟର ଦୂରେ ଗୁଡ଼ିଆଲି ପଞ୍ଚାୟତ ରହିଛି। ହେଲେ ଭବାନୀପାଟଣାରେ ରେଳଲାଇନ ଗଲାପରେ ଏହି ପଞ୍ଚାୟତକୁ ରାସ୍ତା ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ଏହି ପଞ୍ଚାୟତ ବାସୀଙ୍କୁ ଦୀର୍ଘ ୧୦ କିଲୋମିଟର ବୁଲିକି ଭବାନୀପାଟଣା ଯିବାକୁ ପଡୁଥିଲା। ବିଶେଷକରି ବର୍ଷାଦିନରେ ଛାତ୍ରୀଛାତ୍ର ସ୍କୁଲ ଯିବା ପାଇଁ ତଥା ଗ୍ରାମବାସୀ ମେଡିକାଲ ଯିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜମି ନ ଥିବାରୁ ସରକାର ରାସ୍ତା ନିର୍ମାଣ କରି ପାରୁ ନ ଥିଲେ। ଫଳରେ ଏହି ପଞ୍ଚାୟତର ୭ ହଜାର ଲୋକ ପ୍ରଭାବିତ ହେଉଥିଲେ। ପଞ୍ଚାୟତବାସୀ ରାସ୍ତା ନେଇ ଜାଗା ଦେବା ପାଇଁ ଭବାନୀପାଟଣାର କିଛି ବ୍ୟକ୍ତିଙ୍କୁ ଅନେକ ଦିନରୁ ଅନୁରୋଧ କରୁଥିଲେ। ଲୋକଙ୍କ ଅନୁରୋଧ ରକ୍ଷା କରି ୩ ବ୍ୟକ୍ତି ରାସ୍ତା ନିର୍ମାଣ ପାଇଁ ନିଜ ଜମି ଦାନ କରିଛନ୍ତି। ଯାହାକୁ ନେଇ ଗୁଡ଼ିଆଲି ପଞ୍ଚାୟତ ବାସୀଙ୍କଠାରୁ ଆରମ୍ଭ କରି ଭବାନୀପାଟଣା ସହରବାସୀ ୩ ବଦାନ୍ୟ ବ୍ୟକ୍ତିଙ୍କୁ ଭୂରି ଭୂରି ପ୍ରଶଂସା କରୁଛନ୍ତି।

### ଖଡ଼ିଆଳରେ ଅକ୍ଷୟ ତୃତୀୟା ପାଳନ

ଖଡ଼ିଆଳ,୨୩।୪(ଡି.ଏନ.ଏ): ନୂଆପଡା ଜିଲା ଖଡ଼ିଆଳ କୃଷି ବିହନ କେନ୍ଦ୍ରଠାରେ ଅକ୍ଷୟ ତୃତୀୟା କୃଷକ ଦିବସ ଆତ୍ମା ସଭାପତି ରାତ୍ରନନ୍ଦ ମାନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ସମ୍ମାନିତ ଅତିଥି ଉପାଧକ୍ଷ ଖଡ଼ିଆଳ ଗୌତମ ତାଣ୍ଡି, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ତନ୍ୟା ଶବର, ପାଣି ପଞ୍ଚାୟତ ସମ୍ପାଦକ ସୁଶାନ୍ତ ବିଶି, ସରପଞ୍ଚ ଓ ସମିତି ସଭ୍ୟ ମଞ୍ଚାସୀନ ଥିଲେ। ବ୍ଲକ କୃଷି ଅଧିକାରୀ ସଞ୍ଜୟ ପାତ୍ର ବିଭିନ୍ନ ଯୋଜନା ବିଷୟରେ ଅବଗତ କରିଥିଲେ। କୃଷି କିପରି ଉନ୍ନତି କରିପାରିବ ସେନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କୃଷକ ସାଥୀ, କୃଷି ଅଧିକାରୀ, ବିଟିଏମ, ଏଟିଏମ ଓ ଚାଷୀ ଉପସ୍ଥିତ ଥିଲେ।

### ଉପଖଣ୍ଡସ୍ତରୀୟ ଗଣ୍ଡାବାଜା ସମ୍ମିଳନୀ

ପାଟଣାଗଡ,୨୩।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ କୁତମୁଣ୍ଡା ଗ୍ରାମର ମୁହୁରୀ କଳା ପରିଷଦ ଆନୁକୂଲ୍ୟରେ ରବିବାର ଉପଖଣ୍ଡସ୍ତରୀୟ ଗଣ୍ଡାବଜା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଦାଧର ନିଆଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ତେଜରାଜ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତାଭାବେ ଯୋଗଦେଇ କଳାକାର ଲକ୍ଷ୍ମୀକାନ୍ତ ମିଶ୍ର ଗଣ୍ଡାବଜାର ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ନେପାଳ ବାଗ, ଡିଙ୍ଗର କୁମ୍ଭାର, ଗବେଷକ ଡଃ. ଜନସନ ନାଗ, ବରିଷ୍ଠ କଳାକାର ହୀରାଧର କୁମ୍ଭାର, ଗବେଷକ ରମେଶ ଗୁର୍ଲା, ଦିଲ୍ଲିପ କୁମାର ଭୋଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କଳାକାର ମନୋଜ ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନ ଉପସଭାପତି ମୁରଲୀଧର ଶିକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଭେଲାସାଗର କୁମ୍ଭାର ଏହି ସମ୍ମିଳନୀ ଆୟୋଜନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କବି ଅର୍ଜୁନ କୁମାର ସାହୁ ସଭା ସଂଯୋଜନା କରିଥିଲେ। ପରେ ଉପଖଣ୍ଡର ତିନୋଟି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଏକଶହରୁ ଊର୍ଦ୍ଧ୍ୱ ଗଣ୍ଡାବଜା ଦଳ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ମନୋଜ କୁମାର ବାଗ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ତେଲଙ୍ଗାନାରୁ ଫେରିଲେ ପୁଅ, ହେଲା ସତ୍କାର

ବେଲପଡା, ୨୪।୪(ଡି.ଏନ.ଏ.)



ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ପୀଡ଼ିତ ପରିବାର ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରୁଛନ୍ତି।

**ଘରେ ବୃଦ୍ଧଙ୍କ ମୃତଦେହ ପଡି ରହିବା ଘଟଣା**

- ପୁଅ ଦାଦନ ଖଟି ଯାଇଥିବାରୁ ହୋଇ ପାରୁ ନ ଥିଲା ସତ୍କାର
- ମିଳିଲା ୩୦୦୦ ଟଙ୍କା ହରିଶ୍ଚନ୍ଦ୍ର ସହାୟତା ରାଶି
- ରେଡକ୍ରସରୁ ମିଳିଲା ୧୦ହଜାର ଟଙ୍କା
- ତେଲଙ୍ଗାନାରେ ବନ୍ଧା ପଡିଛନ୍ତି ପରିବାରର ୧୦ ସଦସ୍ୟ

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ନୁନହାଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି କଲୋନୀ ପଡ଼ାର କୁମରମଣି ଛତ୍ରିଆ(୮୦)ଙ୍କ ଦୁଇଦିନ ତଳେ ମୃତ୍ୟୁ ହୋଇଯାଇଥିଲା। ୨ପୁଅଙ୍କ ସହ ପରିବାରର ଅନ୍ୟ ସଦସ୍ୟ ତେଲଙ୍ଗାନାର ଏକ ଇଟାଭାଟିରେ ଦାଦନ ଖଟିବାକୁ ଯାଇଥିବାରୁ ବୃଦ୍ଧଙ୍କର ଅନ୍ତିମ ସତ୍କାର ହୋଇ ପାରୁ ନ ଥିଲା। ସତ୍କାର ଓ ଶୁଦ୍ଧକ୍ରିୟା ପାଇଁ କାକୁତି ମିନତି ହୋଇଥିଲେ ମଧ ପରିବାରର ସଦସ୍ୟଙ୍କୁ ଇଟାଭାଟି ମାଲିକ ଛାଡି ନ ଥିଲେ। ଶେଷରେ ବଡକଷ୍ଟରେ ପୁଅ ଗଣପତି ଛତ୍ରିଆ ଶନିବାର ରାତିରେ ଗାଁରେ ପହଞ୍ଚିଥିଲେ। ରବିବାର ସକାଳେ ଜାତିଭାଇଙ୍କ ସହାୟତାରେ ଦାହ ସଂସ୍କାର କରାଯାଇଛି। ଅପରପକ୍ଷରେ ପୁଅ ଯାଇଛନ୍ତି ଦାଦନ: ଘରେ ପଡ଼ିରହିଛି ବୃଦ୍ଧଙ୍କ ମୃତଦେହ ଶୀର୍ଷକ ଖବର ରବିବାର ଧରିତ୍ରୀରେ ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ପଞ୍ଚାୟତ ତରଫରୁ ୱାର୍ଡସଭ୍ୟ ଲକ୍ଷ୍ମୀ ପଟେଲ ଓ ସମାଜ ସେବୀ ଗଣେଶ ମେହେରଙ୍କ ଉପସ୍ଥିତିରେ ହରିଶ୍ଚନ୍ଦ୍ର ଯୋଜନା ବାବଦ ସହାୟତା ୩ ହଜାର ଟଙ୍କା ଓ ୩୦ କେଜି ଚାଉଳ ପ୍ରଦାନ କରାଯାଇଥିଲା। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ବେଲପଡ଼ା ରାଜସ୍ୱ ନିରୀକ୍ଷକ ଗୋଲାପ କୁମ୍ଭାର ମୃତକଙ୍କ ପୁଅ ଗଣପତିଙ୍କୁ ରେଡକ୍ରସରୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ ଗଣପତିଙ୍କ ସାଙ୍ଗରେ କଥା ହୋଇଛନ୍ତି। ତେଲଙ୍ଗାନାରେ ନିର୍ଯାତିତ ପରିବାର ସଦସ୍ୟଙ୍କୁ ଖୁବ୍‌ଶୀଘ୍ର ଉଦ୍ଧାର କରାଯିବ ବୋଲି କହିଛନ୍ତି। ଅପରାହ୍ନରେ ଜିଲା ପରିଷଦ ସଭ୍ୟ ଅନିମା ଦାସ, ସମାଜସେବୀ ପ୍ରଶାନ୍ତ ଦାସ, ଡିଙ୍ଗର କୁମ୍ଭାର, ଜନସନ ନାଗ ମୃତକଙ୍କ ପହଞ୍ଚି ସମବେଦନା ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଜଣେ ଦାଦାନ ଦାଦଲଙ୍କ ଜରିଆରେ କୁମରମଣିଙ୍କ ଦୁଇ ପୁଅ ଲାଲସାହେବ ଓ ଗଣପତି ସ୍ତ୍ରୀ, ପୁଅ ଝିଅଙ୍କୁ ଧରି ତେଲଙ୍ଗାନା ରାଜ୍ୟର କଙ୍ଗରା ସାଇଗୁଡା ମଧ ଭାଗରେ ଥିବା ଏସଆରବି ଇଟା କାରଖାନାରେ ନିୟୋଜିତ ଅଛନ୍ତି। ସମସ୍ତ ପରିବାର ବର୍ଗଙ୍କୁ ଉଦ୍ଧାର ପାଇଁ ଗଣପତି ଆକୁଳ ନିବେଦନ କରିଛନ୍ତି।

# ବିହନଛିନା ଯାତ୍ରା ସମ୍ପୂର୍ଣ୍ଣ

ଖଡ଼ିଆଳ,୨୩।୪(ଡି.ଏନ.ଏ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁରେ ପାଳନ ହୋଇ ଆସୁଥିବା ବିହନଛିନା ଯାତ୍ରା ଅକ୍ଷୟ ତୃତୀୟା ଅବସରରେ ରବିବାର ପାଳିତ ହୋଇଯାଇଛି। ଗଡ୍ରାମୁଣ୍ଡା ଗାଁର ଅଧିଷ୍ଠାତ୍ରୀଦେବୀ ମା' ଦମାପଲେନଙ୍କ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁସାରେ ପାଳିତ ହୋଇଥିଲା। ଗଡ୍ରାମୁଣ୍ଡା ଗାଁ ଶତାଧିକ ଚାଷୀ ରବିବାର ସକାଳୁ ବିହନଛିନା ଯାତ୍ରାରେ ସାମିଲ ହୋଇଥିଲେ। ଗାଁର ଝାଙ୍କର କୃଷ୍ଣଚନ୍ଦ୍ର ନାଏକ ମା' ଦମାପଲେନଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ପରେ ଚାଷୀମାନଙ୍କୁ ଦେବୀଙ୍କ ନିକଟରେ ଲାଗିଥିବା ଧାନବିହନ ବାଣ୍ଟିଥିଲେ। ଯାହାକୁ ଚାଷୀମାନେ ଉତ୍ସାହର ସହ ସଂଗ୍ରହ କରିଥିଲେ। ମା' ଦମାପଲେନ ଦେବୀଙ୍କ ବାରମାସରେ ତେରପର୍ବ ହୋଇଥାଏ। ତେବେ ବିଶେଷ କରି ଗଡ୍ରାମୁଣ୍ଡା ଗାଁରେ ରହୁଥିବା ଅଧିକାଂଶ କୃଷକ ଶ୍ରେଣୀର ହୋଇଥିବାବେଳେ କୃଷି ଉପରେ ନିର୍ଭର କରିଥାନ୍ତି। ଏଣୁ ବିହନଛିନା ଯାତ୍ରା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ କେଉଁ ଆଦିମକାଳରୁ ଦମାପଲେନ ଦେବୀଙ୍କ ଏହି ବିହନଛିନା ଯାତ୍ରାକୁ ସ୍ୱତନ୍ତ୍ର ପର୍ବ ଭାବେ ପାଳନ କରି ଆସୁଛନ୍ତି। ଗଡ୍ରାମୁଣ୍ଡା ଗାଁ ଲୋକଙ୍କ ବିଶ୍ୱାସ ଯେ ବିହନ ଛିନା ଯାତ୍ରାରେ ମା' ଦମାପଲେନଙ୍କ ନିକଟରେ ପୂଜାର୍ଚ୍ଚନା କରି ବିହନ ସଂଗ୍ରହ କରି ଚାଷ କଲେ ଚାଷ ଅମଳ ଠିକ ହେବା ସହ ଉତ୍ପାଦନ ବଢିଥାଏ। ଏପରିକି ରୋଗପୋକ ମଧ୍ୟ ହୋଇ ନ ଥାଏ। ଏଣୁ ମା' ଦମପଲେନ ଦେବୀଙ୍କ ବିହନ ଯାତ୍ରାରେ ଅଧିକ ଭିଡ ଲାଗିଥାଏ। ଏଥି ସହ ଏହି ସମୟରେ ଦେବୀଙ୍କ ନିକଟରେ ମାନସିକ କଲେ ମାନସିକ ଅର୍ପଣ ମଧ୍ୟ ହୋଇଥାଏ। ଏଣୁ ପ୍ରତିବର୍ଷ ଭଳି ଚଳିତବର୍ଷ ମାନସିକଧାରୀମାନେ ପଶୁପକ୍ଷୀ ବଳୀ ଦେଇଥିଲେ। ଫଳରେ ଦେବୀଙ୍କ ପୀଠସ୍ଥଳୀ ରକ୍ତରଞ୍ଜିତ ହୋଇଥିଲା।



ଗଡ୍ରାମୁଣ୍ଡା ଗାଁରେ ପାଳିତ ହେଉଛି ବିହନଛିନା ଯାତ୍ରା।

## ଶଗଡଘାଟରେ ଅଖିମୁଖି ଅନୁକୂଳ

ଟିଟିଲାଗଡ଼, ୨୩।୪ (ଡି.ଏନ.ଏ)

ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଶଗଡଘାଟ ଗ୍ରାମରେ ପ୍ରଶାସନ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ଅଖିମୁଠି ଅନୁକୂଳ କରାଯାଇଛି। ଏନେଇ ଚାଷୀ ତହସିଲ ସାହୁଙ୍କ ଚାଷ ଜମିରେ ପରମ୍ପରା ମୁତାବକ ମାଟି ପୂଜା କର୍ମ ସମ୍ପାଦନ ହୋଇଥିଲା। ଆତ୍ମା ଅଧକ୍ଷ ମନୋଜ ପାଢୀ କର୍ତ୍ତା ତଥା ପୂଜକ ପଣ୍ଡିତ ପ୍ରଦୀପ ତ୍ରିପାଠୀ ଦାୟିତ୍ୱ ସମ୍ପାଦନ କରିଥିଲେ। ପରେ ଟିଟିଲାଗଡ ଉପଖଣ୍ଡ କୃଷି ଅଧିକାରୀ ବିଶ୍ୱେଶ୍ୱର ସାହୁ ପାଗବାନ୍ଧି ଜମିରେ ହଳ କରିଥିବା ବେଳେ ଆତ୍ମା ଅଧକ୍ଷ ପାଢୀ, ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ଉପାଧକ୍ଷା ଜଗତରାମ ରଣା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସରପଞ୍ଚ ଚଞ୍ଚଳା ସାହାଣୀ ପ୍ରମୁଖ ଧାନ ବୁଣିଥିଲେ। ବ୍ଲକ କୃଷି ଅଧିକାରୀ ଲାଲବିହାରି ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବରନି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ସଇଁତଳା, ୨୩।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ ବଡମାଳ ଗୋଳାବାରୁଦ କାରଖାନାସ୍ଥିତ ଅଫିସର୍ସ କ୍ଲବଠାରେ ବରନି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ରାଜମଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାରଖାନାର ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କବି ନିମାଇଁ ଚରଣ ପାଣିଗ୍ରାହୀ ମୁଖ୍ୟବକ୍ତା, ଗୋଳାବାରୁଦ କାରଖାନାର ନାରୀ କଲ୍ୟାଣ ସମିତିସଭାନେତ୍ରୀ ଇପ୍ସିତା ଦାଶ ଓ ସମାଜସେବୀ ଗୌତମ କ୍ଷେତୀ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରାରମ୍ଭରେ କାରଖାନସ୍ଥିତ ଫେକ୍ଟ୍ରି ସ୍କୁଲର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ ପରିବେଷଣ କରିଥିଲେ। ସାହିତ୍ୟ ସଂସଦ ଉପଦେଷ୍ଟା ଡ଼. ଗୋବର୍ଦ୍ଧନ ସାହୁ ଅତିଥି ପରିଚୟ, ନିରଞ୍ଜନ ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ବରନି ପତ୍ରିକାର ଉନ୍ମୋଚନ କରିବା ସହ ପ୍ରକୃତିପ୍ରେମୀ ଶିଶୁ କୁମାର ପଧାନ ଓ କଳାକାର ବିଶ୍ୱାମିତ୍ର ବରଗିଙ୍କୁ ସମ୍ମାନୀତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆକାଶବାଣୀର କଳାକାର ବିଷ୍ଣୁ ଚରଣ ସାହୁ ସଭାପତିତ୍ୱ କରିଥିଲେ। କବି ଅର୍ଜୁନ ସାହୁ, ନେପାଳ ଚନ୍ଦ୍ର ବାଗ, ଗୋପୀନାଥ ଦଣ୍ଡସେନା, ପ୍ରମୋଦ ବୈଠାରୁ ଓ ନିସାର ଅହମ୍ମଦ ଅତିଥି ଭାବେ ଯୋଗଦେଇଥିଲେ। ନାରୀକବି ଆହ୍ଲାଦିନୀ ଦାଶ ପାଣିଗ୍ରାହୀ ଓ ମାଧବୀ ସାହୁ କବିତାଗୁଡ଼ିକ ସଂଯୋଜନା କରିଥିଲେ। ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରୁ ୫୦ଜଣ କବି ଓ କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପଠନ କରିଥିଲେ। ସମ୍ପାଦକ ଶତୃଘନ ସେଲମା ଧନ୍ୟବାଦ ଜ୍ଞାପନ କରିଥିଲେ।



ଅତିଥିମାନେ ବରନି ପତ୍ରିକାର ଉନ୍ମୋଚନ କରୁଛନ୍ତି।

## ବାଲ୍ୟ ବିବାହ ନିରୋଧ ସଚେତନତା ଶୋଭାଯାତ୍ରା

ଟିଟିଲାଗଡ଼, ୨୩।୪ (ଡି.ଏନ.ଏ)

ଟିଟିଲାଗଡ ବ୍ଲକରେ ବାଲ୍ୟ ବିବାହ ସଂଖ୍ୟା ବୃଦ୍ଧି ପାଇଛି। ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଠିକଣା ସମୟରେ ପଦକ୍ଷେପ ନେଇ ଅକ୍ଷୟ ତୃତୀୟାରେ ଦୁଇଟି ବାଲ୍ୟ ବିବାହ ବନ୍ଦ କରାଯାଇଛି। ଏନେଇ ରବିବାର ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବ୍ଲକ ଅନ୍ତର୍ଗତ ଦାଦନ ପ୍ରବଣ ପଞ୍ଚାୟତ ଶଗଡଘାଟ ଠାରେ ବାଲ୍ୟବିବାହ ବନ୍ଦ ପାଇଁ ସଚେତନତା ଶୋଭାଯାତ୍ରା ତଥା ସଭା ଆୟୋଜନ କରାଯାଇଥିଲା। ସିଡିପିଓ ମିନାକ୍ଷୀ ରାଜଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସରପଞ୍ଚ ଚଞ୍ଚଳା ସାହାଣୀ ତଥା ସ୍ଥାନୀୟ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡି ସୁପରଭାଇଜର ପୂର୍ଣ୍ଣିମା ବୈଠାରୁ, ଚଞ୍ଚଳା ମାଝୀ, କଳାବତି ବିଭାର, ତିଲୋତ୍ତମା ମିଶ୍ର, ମଞ୍ଜୁଲତା ପାଢୀ, ହେମଲତା ବିଶ୍ୱାଳ, ଅଙ୍ଗନୱାଡି କର୍ମୀ ସରିତା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ



ହଳ ଲଙ୍ଗଳରେ ଅତିଥିମାନେ ଅକ୍ଷିମୁଠି କରୁଛନ୍ତି।

ନୂଆପଡା ଅଫିସ,୨୩।୪

ନୂଆପଡା ସଦର ବ୍ଲକ ଗୋଡଫୁଲା ଠାରେ ଜିଲା କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ଶେଖର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ମୁଖ୍ୟ ଅଧିକାରୀ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି, ମୃତ୍ତିକା ସଂରକ୍ଷଣ ଅଧିକାରୀ ରାକେଶ ପାଣ୍ଡେ, ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ, ସତ୍ୟଭୂଷଣ ନାଗ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ସଦର ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଗୋଡଫୁଲା ସରପଞ୍ଚ କବିତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଥମେ ମାଟି ଦେବତାଙ୍କୁ ପୂଜା ଅର୍ଚ୍ଚନା କରି ହଳଲଙ୍ଗଳକୁ ବନ୍ଧାପଣା କରି ଗୋଡଫୁଲା ଗାଁର ଚାଷୀ ଗଣପତି ମାଝି ଓ ମାନସିଂ ମାଝି ହଳୁଆ ଭାବରେ ହଳ କରି ଚାଲିଥିବାବେଳେ ଉପସ୍ଥିତ ଅତିଥିମାନେ ଅଖିମୁଠି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ କୃଷି ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ ଚାଷୀ ଭିକାମ ସାହୁ, ହେମ ସାଗର ସାହୁ, କାଲୁରାମ ସାହୁ, ଭାଗବତ ସାହୁ, ଦେବୀ ଦୟାଲ ସାହୁ, ତୁଳସି ରାମ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ମହୁମାଛି ଆକ୍ରମଣରେ ୪ ବ୍ୟକ୍ତି ଗୁରୁତର

ନୂଆପଡ଼ା ଅଫିସ୍,୨୩।୪

ନୂଆପଡ଼ା ସଦର ବ୍ଲକ ଗୋଡଫୁଲାଠାରେ ଜିଲା କୃଷି ବିଭାଗ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନରେ ଯୋଗ ଦେଇଥିବା ୪ଜଣ ବ୍ୟକ୍ତି ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳରେ ଚିକିତ୍ସିତ ହେଉଛନ୍ତି। ରବିବାର ସକାଳେ ଜିଲା କୃଷି ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସଭା କରିବା ପାଇଁ ଗୋଡଫୁଲା ଗାଁ ବିଜୁ ଏକ୍ସପ୍ରେସ ୱେ କଡରେ ଏକ ବରଗଛ ମୂଳରେ ଟେଣ୍ଟ ପକାଯାଇଥିଲା। ଉପସ୍ଥିତ ଚାଷି ଓ ଅନ୍ୟମାନଙ୍କ ଖାଇବା ପାଇଁ ରୋଷେଇ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ହଠାତ ବରଗଛରୁ ମହୁମାଛି ଆସି ଆକ୍ରମଣ କରିଥିଲା। ମହୁମାଛି ଆକ୍ରମଣ ସମୟରେ ଅନ୍ତ ବାଗଙ୍କୁ ମା' ସୁନାଦେଈ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ରେ କୁଳଦୀପ ଉଦ୍ଧାର କରି ଚିକିତ୍ସାଳୟକୁ ଆଣୁଥିବା ସମୟରେ କୁଳଦୀପଙ୍କୁ ଆକ୍ରମଣ କରିଥିଲା। କୋମନା ବ୍ଲକ ସିଲେଟପୋଣି ଗାଁର ଦୁଇ ଜଣ ବ୍ୟକ୍ତି ଅନ୍ତ ବାଗ ଓ କୁଳଦୀପଙ୍କ ଅବସ୍ଥା ଠିକ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁଚାଲି ଯାଇଥିବାବେଳେ ଦୁଇ ଜଣ ବ୍ୟକ୍ତି ନୂଆପଡା ସଦର ଗୋଡତୋର ଗାଁର ସେତରାମ ପଟେଲ ଓ ପଦୁ ପଟେଲ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ତାଙ୍କ ଅବସ୍ଥା ଠିକ ଥିବା ସୂଚନା ମିଳିଛି।



ମହୁମାଛି ଆକ୍ରମଣରେ ଆହତ ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି।

# କାଉଡୋଳା ଗ୍ରାମରେ ରାଧାକୃଷ୍ଣ ମନ୍ଦିର ଭୂମିପୂଜନ



ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରାଯାଉଛି।

ଖଡ଼ିଆଳ,୨୩।୪(ଡି.ଏନ.ଏ)

ଖଡ଼ିଆଳ ସ୍ଥିତ କୋଶଳେଶ୍ୱର ମନ୍ଦିର ପରିସରରେ ନୂତନ ଭାବେ ଏକ ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ହୋଇଯାଇଛି। ଏହି ମନ୍ଦିର ନିର୍ମାଣ ପାଇଁ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଓ ତାଙ୍କ ସ୍ତ୍ରୀ ମନସ୍ଥ କରିଥିବାରୁ ସେମାନେ ଏହି ଭୂମିପୂଜନରେ କର୍ତ୍ତା ଭାବେ ବସିଥିଲେ। ପଣ୍ଡିତ ପ୍ରଫୁଲ୍ଲ ରଥ ଓ ତାଙ୍କ ସହ କର୍ମୀ ପ୍ରସନ୍ନ କୁମାର ପଣ୍ଡା ପୂଜକ ଭାବେ ଯୋଗ ଦେଇଥିଲେ। ଅଞ୍ଚଳର ବିକାଶ ଓ ବିଶ୍ୱଶାନ୍ତି ପାଇଁ ପବିତ୍ର ଅକ୍ଷୟ ତୃତୀୟାରେ ଭୂମିପୂଜନ ହୋଇଥିଲା। ଟ୍ରଷ୍ଟର ସଭ୍ୟମାନେ ଉପସ୍ଥିତ ଥିଲେ। ଏହା ପରେ ଆଗାମୀ ଶୀତଳ ଷଷ୍ଠୀ ପାଇଁ ପୂଜାର୍ଚ୍ଚନା ପରେ ଥାଳ ଉଠିଥିଲା। ଜୟଦେବ ହୋତା, ରାମଚନ୍ଦ୍ର ମିଶ୍ର, ପ୍ରଶାନ୍ତ ସାହୁ, ରୋହିତ ତ୍ରିବେଦି, ସୁବେର ସିଂହ ଦେବ, ଉଜ୍ଜ୍ୱଳ ଗୁପ୍ତା ତଥା ବହୁ ଭକ୍ତ ଉପସ୍ଥିତ ଥିଲେ। ଏହା ପରେ ଶିବ ପାର୍ବତୀଙ୍କ ପିତା,ମାତା ପ୍ରତିନିଧି ଖୋଜା ଆରମ୍ଭ ହେବ।

# କଳସ ଶୋଭାଯାତ୍ରା, ଛପନ ପ୍ରହର ନାମଯଜ୍ଞ ଆରମ୍ଭ

ଲୋଇସିଂହା,୨୩।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗୌଉନ୍ତିଆପଡା(ତଳିପଡା)ରେ ଅକ୍ଷୟ ତୃତୀୟା ତିଥିରୁ ଛପନ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏହା ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବ। ଏଥିପାଇଁ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ରବିବାର ପୂର୍ବାହ୍ନରେ ପଡାର ଶତାଧିକ ମହିଳା ଓ ପୁରୁଷ ଟେଡିବନ୍ଧରୁ ପୂର୍ଣ୍ଣ କଳସ ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ବିରଞ୍ଚି ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଏଠାରେ ଗଦାଧର ଦାନୀ ଓ ତାଙ୍କ ସ୍ତ୍ରୀ ପଙ୍କଜିନୀ ଦାନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଖପାଖର ୫୬ ସଂକୀର୍ତ୍ତନ୍ୟ ଦଳ ନାମଯଜ୍ଞରେ ଯୋଗଦେବେ ବୋଲି ସଭାପତି ଓମ ପ୍ରକାଶ ସାହୁ କହିଛନ୍ତି।



ନାମଯଜ୍ଞ ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

## ଅବ୍ୟବସ୍ଥାରେ ବ୍ଲକସ୍ତରୀୟ କୃଷକ ଦିବସ

ଜୁନାଗଡ଼,୨୩।୪(ଡି.ଏନ୍.ଏ.):ଜୁନାଗଡ଼ ବ୍ଲକ କୁରୁଗୁଡ଼ାଠାରେ କୃଷି ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ତେବେ ଏହି ଦିବସ ଅବ୍ୟବସ୍ଥାରେ ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମରେ ପ୍ରକୃତ ଚାଷୀଙ୍କ ବଦଳରେ ରାଜନେତାଙ୍କୁ ବେଶୀ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଫଟୋ, ଭିଡିଓ ସୁଟ୍ ପାଇଁ ଜମିରେ ଅକ୍ଷିମୁଠି ପକାଇବା ବେଳେ ହଳ ବୁଲାଇବା ପାଇଁ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଫୁଲ ପ୍ୟାଣ୍ଟ ପିନ୍ଧି କିଛି ଅତିଥି ଚାଷୀଙ୍କୁ ଉପହାସ କଲାପରି ଜମିରେ ହଳ ବୁଲାଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ କୃଷି ବିଭାଗ ପକ୍ଷରୁ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିଲା। ଜୁନାଗଡ଼ କୃଷି ବିଭାଗ ଓ ଆତ୍ମାକୁ ବିଭିନ୍ନ ସମୟରେ ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ ଟଙ୍କା ଅନୁଦାନ ଆସୁଥିବାବେଳେ ବାଟ ମାରଣା ହେଉଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଗଲେ ସତ୍ୟ ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି। ବ୍ଲକ କୃଷି ଅଧିକାରୀ ରଞ୍ଜନ କୁମାର ପଟେଲ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ।

# ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି ପୋଲିସ

ଭବାନୀପାଟଣା,୨୩।୪(ସ୍ୱ.ପ୍ର.)

**୨ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା**

କଳାହାଣ୍ଡି ଜିଲା ବିଜେପୁର ଥାନା ଅଞ୍ଚଳରେ ୨ଜଣ ନାବାଳିକାଙ୍କୁ ଗଣବଳାତ୍କାର କରିବା ଘଟଣାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଆଉ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଖୋଜିବା ପାଇଁ ପୋଲିସ ତନାଘନା ଚଳାଇଛି। ତେବେ ପୋଲିସ ପକ୍ଷରୁ ଏ ନେଇ ବିଧିବଦ୍ଧ ସୂଚନା ଦିଆଯାଇନାହିଁ। ପ୍ରକାଶ ଯେ, କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବିଜେପୁର ଥାନା ଅଞ୍ଚଳର ୨ ନାବାଳିକା ଓ ଜଣେ ଯୁବତୀ ବେନଗାଁକୁ ଗତ ୧୬ ତାରିଖ ସନ୍ଧ୍ୟାରେ ଯାତ୍ରା ଦେଖିବା ପାଇଁ ଯାଇଥିଲେ। ସେଠାରୁ ଭୋର୍ ପ୍ରାୟ ୩ଟାରେ ଘରକୁ ଫେରୁଥିବା ବେଳେ ବାଜିବାହାଲି ରାସ୍ତା ପୋଲ ନିକଟରେ ୫ ଜଣ ଯୁବକ ସେମାନଙ୍କୁ ଅଟକାଇଥିଲେ। ଏହି ସମୟରେ ଯୁବତୀ ଜଣଙ୍କ ସେମାନଙ୍କୁ ବିରୋଧ କରିବାରୁ ତାଙ୍କୁ ସେମାନେ ରାସ୍ତା ଉପରୁ ପୋଲ ତଳକୁ ଠେଲି ଦେଇଥିଲେ। ସେ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ ନାବାଳିକାଙ୍କୁ ଅଭିଯୁକ୍ତମାନେ ଟେକିନେଇ ଗଣବଳାତ୍କାର କରିଥିଲେ। ଘଟଣାସ୍ଥଳରୁ ଖସି ଆସିଥିବା ଯୁବତୀ ଜଣକ ଯାତ୍ରା ପଡ଼ିଆକୁ ଆସି ଗାଁଲୋକଙ୍କୁ ସବୁକଥା କହିଥିଲେ। ଏ ନେଇ ପରିବାର ଲୋକେ ବିଜେପୁର ଥାନାରେ ବୁଧବାର ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ନାବାଳିକା ଦ୍ୱୟଙ୍କ ଡାକ୍ତରୀମାଇନା ପାଇଁ ପ୍ରଥମେ ବିଶ୍ୱନାଥପୁର ଓ ପରେ ଲାଞ୍ଜିଗଡ଼ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ନ ଥିବାରୁ ସେମାନଙ୍କୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଡାକ୍ତରୀମାଇନା କରାଇଥିଲା।

# ଦୁଃଖ ଦେଇଗଲା କାଳବୈଶାଖୀ



ବନ୍ଦା ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ କୃଷି କର୍ମଚାରୀଙ୍କୁ ପ୍ରଭାବିତ ଧାନ ଫସଲକୁ ଦେଖାଉଛନ୍ତି।

ବରଗଡ଼ ଅଫିସ୍, ୨୩।୪

ରବିବାର ଥିଲା ଅକ୍ଷୟ ତୃତୀୟା। ଭଲ ଅମଳ ପାଇଁ ଚାଷୀମାନେ ଅଖିମୁଠି ଅନୁକୂଳ କରିଥିଲେ। ହେଲେ ଏହାର ଦିନକ ପୂର୍ବରୁ ଶନିବାର କାଳବୈଶାଖୀ ମାଡ଼ି ଆସିଥିଲା। ଅମଳକ୍ଷମ ଅବସ୍ଥାରେ ଥିବାବେଳେ ବ୍ୟାପକ କରାମାଡ଼ ଯୋଗୁ ଧାନଫସଲ ଉଜୁଡ଼ି ଯାଇଥିଲା। କେଣ୍ଡାରେ ଥିବା ଧାନସବୁ ଝଡ଼ି ଜମିରେ ପଡ଼ିଥିଲା। କ୍ଷୀର ଖାଉଥିବା ଧାନ ନଷ୍ଟ ହୋଇଗଲା। ପରିବା ଫସଲ ମଧ୍ୟ ବାଦ୍ ପଡ଼ି ନ ଥିଲା। କରାମାଡ଼ ପ୍ରଭାବରେ ସେସବୁ କ୍ଷତିଗ୍ରସ୍ତ ହୋଇଛି। ଜିଲାର ଅତାବିରା, ବରଗଡ଼, ବରପାଲି, ବିଜେପୁର ବ୍ଲକର ବିଭିନ୍ନ ଗ୍ରାମରେ ଫସଲ ଏଭଳି ପ୍ରଭାବିତ ହୋଇଛି। ଚିରାଚରିତ ଢ଼ଙ୍ଗରେ କୃଷି ବିଭାଗ କ୍ଷୟକ୍ଷତି ଆକଳନ ଆରମ୍ଭ କରିଛି। ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ କହିଛନ୍ତି, ଜିଲାର ସମସ୍ତ ବ୍ଲକ କୃଷି ଅଧିକାରୀ, ବିଭାଗୀୟ କର୍ମଚାରୀଙ୍କୁ ପ୍ରାରମ୍ଭିକ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ କୃଷି, ରାଜସ୍ୱ, ବୀମା କମ୍ପାନୀକୁ ନେଇ ଯୁଗ୍ମ ଯାଞ୍ଚ (ଜଏଣ୍ଟ ଭେରିଫିକେଶନ) କରାଯିବ ଏବଂ ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ରିପୋର୍ଟକୁ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପଠାଇ ଦିଆଯିବ। ଅନ୍ୟପଟେ ଫସଲ ଉଜୁଡ଼ି ଯିବା ପରେ ଚାଷୀଙ୍କ ଦୁଃଖ ବଢ଼ିଯାଇଛି।

## କ୍ଷତିଗ୍ରସ୍ତ ଚାଷୀ କୁହନ୍ତି...

### ଆଶା ମଉଳି ଗଲା

୨୦ଏକର ଜମିରେ ଧାନ ଫସଲ କରିଥିଲି। ଅନୁକୂଳ ପାଗ ଯୋଗୁ ଫସଲ ମଧ୍ୟ ଭଲ ହୋଇଥିଲା। ଅଳ୍ପଦିନ ପରେ ଧାନ ଅମଳ କରିଥାନ୍ତି। ଅମଳ ଭଲ ହେବ ବୋଲି ଆଶା ରଖିଥିଲି। ହେଲେ କରାମାଡ଼ ଯୋଗୁ ଫସଲ ସମ୍ପୂର୍ଣ୍ଣ ଛାରଖାର୍ ହୋଇଗଲା।



– ଲକ୍ଷ୍ମଣ ପ୍ରଧାନ

### ଉଜୁଡ଼ିଗଲା ୬ମାସର ପରିଶ୍ରମ

ଧାନ ଫସଲ ପାଇଁ ୬ମାସ ଧରି ପରିଶ୍ରମ କରିଥିଲୁ। କାଁ ଭାଁ ରୋଗପୋକ ଉପଦ୍ରବ ଛାଡ଼ିଦେଲେ ଏଥର ଫସଲ ମଧ୍ୟ ଭଲ ହୋଇଥିଲା। କିନ୍ତୁ ଶନିବାର ସନ୍ଧ୍ୟାରେ କିଛି ସମୟ ଧରି ହୋଇଥିବା କରାମାଡ଼ ଯୋଗୁ ସବୁ ଫସଲ ନଷ୍ଟ ହୋଇଗଲା।



– ଚୈତନ୍ୟ ରଣା

### ଘାରିଲା ଋଣ ପରିଶୋଧ ଚିନ୍ତା

୧୨ଏକର ଜମିରେ ଧାରକରଜ କରି ଧାନ ଫସଲ କରିଥିଲି। କିଛି ଜମିରେ ପୋଟଳ ଚାଷ ହୋଇଥିଲା। ଧାନ ଅମଳ ହେଲେ କରଜ ପରିଶୋଧ କରିବି ବୋଲି ଭାବିଥିଲି। କରାମାଡ଼ରେ ଫସଲ ଧୂଳିସାତ୍ ହେବା ପରେ ଋଣ ପରିଶୋଧ ଚିନ୍ତା ବଢ଼ି ଯାଇଛି।



– କାଳିଆ ରୋହିଦାସ

### କ୍ଷତିପୂରଣ ଆଶା କରିଛୁ

କରାମାଡ଼ ଯୋଗୁ ସବୁ ଧାନ ଫସଲ ନଷ୍ଟ ହୋଇଛି। କୃଷି ବିଭାଗ କର୍ମଚାରୀମାନେ ଆସି କ୍ଷୟକ୍ଷତି ଆକଳନ କରିଛନ୍ତି। ଆମ ଗ୍ରାମରେ ୬୦ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଛି। କ୍ଷତିପୂରଣ ଦେବେ ବୋଲି ଆଶା ରଖିଛୁ।



– ସନ୍ତୋଷ ସାହୁ

# ଉଜୁଡ଼ିଲା ଫସଲ, କ୍ଷତିପୂରଣକୁ ଅପେକ୍ଷା

- କାଳବୈଖାଖୀରେ ବ୍ୟାପକ ଫସଲ ହାନି
- କୃଷି ଓ ରାଜସ୍ୱ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ
- ଆଜି ତହସିଲ ଅଫିସ ଘେରିବେ ଚାଷୀ

ସରଣ୍ଡା,୨୩।୪(ଡି.ଏନ.ଏ.)



ପ୍ରଶାସନିକ ଅଧିକାରୀମାନେ କ୍ଷତିଗ୍ରସ୍ତ ଧାନକ୍ଷେତ ପରିଦର୍ଶନ କରୁଛନ୍ତି।

ବରଗଡ଼ ଜିଲାର ଅତାବିରା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ କାଳବୈଶାଖି ଯୋଗୁ ଘଡ଼ଘଡ଼ି ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। ଏଥିରେ ବ୍ୟାପକ ଫସଲ ହାନି ହୋଇଛି। ଏହାସହ ବଜ୍ରପାତରେ ଜଣଙ୍କ ଜୀବନ ଯାଇଛି। ବର୍ତ୍ତମାନ ରବିଧାନ ଅମଳ ସମୟ ହୋଇଥିବା ବେଳେ କେଣ୍ଡାରୁ ଧାନ ଝଡ଼ିପଡିଛି। ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲେ ମଧ କୁଆପଥର ବୃଷ୍ଟି ଯୋଗୁ ଅମଳକ୍ଷମ ଧାନଫସଲ ଉଜୁଡି ଯାଇଛି। ଜିଲାର ଅତାବିରା ବ୍ଲକର ଅତାବିରା, ଚକୁଲି, ଗୋଡ଼ଭଗା, ଲସ୍ତଲା ଆଦି ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି। ଗତ କିଛିଦିନ ହେଲା ଅଜଣା ରୋଗରେ ଧାନକେଣ୍ଡା ଗୁଡିକ ଶୁଖି ଯାଇଥିଲା। ତାର ପ୍ରତିକାର ହୋଇ ପାରି ନ ଥିବା ବେଳେ କୁଆପଥର ବର୍ଷା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଜିଲା ପ୍ରଶାସନ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏହି କ୍ରମରେ ମନାପଡ଼ା ଗ୍ରାମ୍ୟ କୃଷି ଅଧିକାରୀ ନିଲମ ଅଗ୍ରୱାଲ ଓ ରାଜସ୍ୱ ନିରୀକ୍ଷକ ସସ୍ମିତା ଭୋଇ ରବିବାର କ୍ଷେତ୍ର ଅନୁଧ୍ୟାନ କରି କୁଆପଥର ଯୋଗୁ ଚାଷୀ କ୍ଷତି ହୋଇଥିବା ସ୍ୱୀକାର କରିଛନ୍ତି।

ଅନ୍ୟପକ୍ଷେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସବ୍‌ସିଡି ଇନ୍ସ୍ୟୁରାନ୍ସ ସହ କ୍ଷତିପୂରଣ ପାଇଁ ରାଜ୍ୟ କୃଷକ ସଂଗଠନ ଅତାବିରା ଶାଖା ଆନ୍ଦୋଳନ ଡାକରା ଦେଇଛି। ସୋମବାର ସକାଳ ୯ ଟାରେ ଶହ ଶହ ଚାଷୀ ଅତାବିରାରେ ଏକ ବିରାଟ ରାଲି କରି ତହସିଲ ଅଫିସ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିବେ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ସଭାପତି ବିରେନ୍ଦ୍ର କର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଲସ୍ତଲାର ଚାଷୀ ବୃନ୍ଦାବନ ପ୍ରଧାନ କୁହନ୍ତି, ଧାନ ଝଡି ନଷ୍ଟ ହୋଇଛି। ସରକାର ଲୋନ୍ ଛାଡ଼ ସହ ଇନ୍ସ୍ୟୁରାନ୍ସ ଦିଅନ୍ତୁ । ସେହିପରି ଅନ୍ୟ ଜଣେ ଚାଷୀ ଅମୂଲ୍ୟ ସାହୁ କହିଛନ୍ତି, ସେ ୨୦ଏକରରୁ ୧୮ଏକର ଜମିରେ ଭାଗଚାଷ କରିଛନ୍ତି। କରାମାଡ଼ ଯୋଗୁ ସବୁ ପାଚିଲା ଧାନ ଝଡିଯାଇଛି। ଯେଉଁ ଧାନ ରହିଛି ସେସବୁ ପୋଲ ହୋଇଯିବ। କ୍ଷତିପୂରଣ ପାଇଁ ଆମେ ଦାବି କରୁଛୁ। ରାଜ୍ୟ କୃଷକ ସଙ୍ଗଠନ ଅତାବିରା ସଭାପତି ବିରେନ୍ଦ୍ର କର କହିଛନ୍ତି, କୁଆପଥର ମାଡ଼ରେ ଅତାବିରାର ୨୪ଟି ପଞ୍ଚାୟତ ଓ ଏନ୍ଏସି ଅଞ୍ଚଳରେ ସମ୍ପୂର୍ଣ୍ଣ ଧାନଚାଷ ଉଜୁଡିଯାଇଛି। ଏଥିଯୋଗୁ ଚାଷୀ ଆହୁରି ଋଣଗ୍ରସ୍ତ ହୋଇଯିବ। ଏଣୁ ଚାଷୀଙ୍କୁ ଇନପୁଟ ସବସିଡି, ଇନ୍ସ୍ୟୁରାନ୍ସ ଏବଂ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ଦାବିରେ ସୋମବାର ଆମ ସଙ୍ଗଠନ ପକ୍ଷରୁ ଅତାବିରା ତହସିଲ ଅଫିସ ଘେରାଉ କରାଯିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ମନାପଡା ଗ୍ରାମ୍ୟ କୃଷି ଅଧିକାରୀ ନିଲମ ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଲେ, ଆମେ ଆର୍ଆଇଙ୍କ ସହ ମିଳିତ ଭାବେ ମନାପଡା ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷଜମି ପରିଦର୍ଶନ କରିଛୁ। ବହୁ ଚାଷୀଙ୍କ ଧାନ ଜମିରେ ଝଡ଼ିଯାଇଛି। ଯାହା ଅଛି ସେହି ଧାନ ଦାନା ହୃଷ୍ଟପୁଷ୍ଟ ହୋଇ ନ ପାରି ପୋଲ ହୋଇଯିବା ଆଶଙ୍କା ରହିଛି। ସେହିପରି କୁଆପଥର ମାଡ଼ ଯୋଗୁ ଧାନ ଫସଲ କ୍ଷୟକ୍ଷତି ହୋଇଛି। କ୍ଷେତ୍ର ପରିଦର୍ଶନ ଚାଲିଛି। ଏହାପରେ ଆମେ ଆମ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସର୍ଭେ ରିପୋର୍ଟ ଦେବୁ ବୋଲି ରାଜସ୍ୱ ନିରୀକ୍ଷକ ସସ୍ମିତା ଭୋଇ କହିଛନ୍ତି।

## ସଂକ୍ଷେପରେ

### ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠିଲା

ବରପାଲି,୨୩।୪(ଡି.ଏନ.ଏ.): ବରପାଲିର ଆସନ୍ତା ୧୪୬ତମ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ରବିବାର ଥାଳଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସକାଳେ କପିଳେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ କରାଯାଇଥିଲା। ଅପରାହ୍ନରେ ଯାତ୍ରା କମିଟିର ଭଣ୍ଡାର ଗୃହ (ନୃପରାଜ କ୍ଲବ)ରୁ ଏକ ବିରାଟ ଶୋଭାଯାତ୍ରା ବାହାରି କପିଳେଶ୍ୱର ମନ୍ଦିରରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ବାବାଙ୍କ ଆଜ୍ଞାମାଳ ନେଇ ଯାତ୍ରା ଅନୁକୂଳ କରାଯାଇଥିଲା। ଏଥିରେ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସଭ୍ୟ ଓ ଭକ୍ତମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଚଳିତବର୍ଷ କନ୍ୟାପକ୍ଷ ଦାୟିତ୍ୱ ନିର୍ବାହ କରୁଥିବା ତହସିଲ ଛକର ଶୈବ ଭକ୍ତମାନେ ମଧ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି କପିଳେଶ୍ୱର ମନ୍ଦିରରେ ପହଞ୍ଚି ବାବାଙ୍କ ପୂଜାର୍ଚ୍ଚନା କରି ଯାତ୍ରା କାର୍ଯ୍ୟ ଅନୁକୂଳ ପାଇଁ ଆଜ୍ଞାମାଳ ନେଇଥିଲେ। ଚଳିତବର୍ଷ ତହସିଲ ଛକ ହିମାଦ୍ରି ନଗର ଭାବେ ସଜେଇ ହେବ। ହିମାଦ୍ରି ନଗର ପୂଜା କମିଟି ସଭାପତି ଚିତ୍ତରଞ୍ଜନ ସାହୁ, କନ୍ୟା ମାତାପିତା ଦାୟିତ୍ୱ ନେଇଥିବା ମିନତି ପତି ଓ ରାଜଗୋପାଳ ଦାଶଙ୍କ ସମେତ ତହସିଲ ଛକ ପୂଜା କମିଟିର କର୍ମକର୍ତ୍ତା ସାମିଲ ହୋଇଥିଲେ।

### ବରପାଲିରେ ପର୍ଶୁରାମ ଜୟନ୍ତୀ

ବରପାଲି,୨୩।୪(ଡି.ଏନ.ଏ.): ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଛି। ବରପାଲି ଜଗନ୍ନାଥ ମନ୍ଦିରରେ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯାଇଥିଲା। ବ୍ଲକ ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପଣ୍ଡିତ ରବୀନ୍ଦ୍ର ଦାଶ, ପଣ୍ଡିତ ସଦାନନ୍ଦ ଦାଶ, ପଣ୍ଡିତ ହେମନ୍ତ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବାଳକୃଷ୍ଣ ପୂଜାରୀ, ବିନୋଦ ସୁସାରୀ, ପଣ୍ଡିତ ରୁଦ୍ର ନାରାୟଣ ଦାଶ, ତ୍ରିଲୋଚନ ଦେବତା ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର, ୩୧ ୟୁନିଟ୍ ସଂଗ୍ରହ

ପଦ୍ମପୁର,୨୩।୪(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ମାରୱାଡି ଯୁବାମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ଧର୍ମଶାଳାଠାରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପଦ୍ମପୁର ଡାକ୍ତରଖାନାର ଡାକ୍ତର ଯଦୁମଣି ସାହୁ, ମାରୱାଡି ସମାଜ ଅଧକ୍ଷ ଅମରଦୀପ ଅଗ୍ରୱାଲ, ସମ୍ପାଦକ ବଜରଙ୍ଗ ଗର୍ଗ, ନିରୋଜ ଦୋରା ଉଦ୍‌ଘାଟନ କରିଥିଲେ। ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁବାମଞ୍ଚ ଅଧକ୍ଷ ସୋମନାଥ ଅଗ୍ରୱାଲ, ସମ୍ପାଦକ ଅମିତ ଅଗ୍ରୱାଲ, ଜୟପ୍ରକାଶ ଅଗ୍ରୱାଲ, ଅମିତ ଗର୍ଗ, ଦିନେଶ ଜୈନ, ଅତୁଲ ଅଗ୍ରୱାଲଙ୍କ ସମେତ ମହିଳା ସମିତି ଓ ଜାଗୃତି ମଞ୍ଚର ସଦସ୍ୟ ଉପସ୍ଥିତ ଥିଲେ। ପଦ୍ମପୁର ରକ୍ତଭଣ୍ଡାରର ସଂଗ୍ରାମ ମହନ୍ତ, ସୁମିତ ସୁମନ ସିହ୍ନା, ଚିନ୍ତା ପଣ୍ଡା, ଗଣେଶ ପଧାନ, କିଶୋର ପଧାନ, ଜିତେନ୍ଦ୍ର ଦାଶ, ରିପନ ବିଶ୍ୱାଳ ସହଯୋଗ କରିଥିଲେ।

# ପର୍ଶୁରାମ ଜୟନ୍ତୀରେ ଶୋଭାଯାତ୍ରା



ପଦ୍ମପୁରରେ ପର୍ଶୁରାମ ଜୟନ୍ତୀରେ ବାହାରିଥିବା ଶୋଭାଯାତ୍ରା ।

ପଦ୍ମପୁର,୨୩।୪(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁରରେ ରବିବାର ବ୍ରାହ୍ମଣ ସମାଜ ଓ ପର୍ଶୁରାମ ବାହିନୀ ଆନୁକୂଲ୍ୟରେ ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ପ୍ରଥମେ ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାକର୍ତ୍ତା ସୁଧାଂଶୁ ତ୍ରିପାଠୀ ସସ୍ତ୍ରୀକ ପୂଜାର୍ଚ୍ଚନା କରିଥିଲେ। ବ୍ରାହ୍ମଣ ସମାଜର ବୟୋଜ୍ୟେଷ୍ଠମାନେ ଉପସ୍ଥିତ ଥିଲେ। ଅପରାହ୍ନ ୬ଟାରେ ବ୍ରାହ୍ମଣ ସମାଜର ସମସ୍ତ ସଦସ୍ୟ ସ୍ଥାନୀୟ କଲ୍ୟାଣ ମଣ୍ଡପରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। କେତେକ ସଦସ୍ୟ ଓ ବାଳକମାନେ ପର୍ଶୁରାମ ବେଶରେ ସଜ୍ଜିତ ହୋଇଥିଲେ। ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ଚନ୍ଦ୍ରଶେଖର ପୁରୋହିତ, କୋଷାଧ୍ୟକ୍ଷ ଶାନ୍ତନୁ ପାଣିଗ୍ରାହୀ, ପର୍ଶୁରାମ ବାହିନୀ ସଭାପତି ଅମିୟ ପୁରୋହିତ, ସମ୍ପାଦକ ଭରତ ପଣ୍ଡା, ଶୁଧାଂଶୁ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## କବି ଖଗେଶ୍ୱର ସେଠଙ୍କ ଜୟନ୍ତୀ ସମାରୋହ

ବରଗଡ଼ ଅଫିସ, ୨୩।୪

ସାହିତ୍ୟପ୍ରାଣ କବି ଖଗେଶ୍ୱର ସେଠଙ୍କ ୧୧୮ତମ ଜନ୍ମଜୟନ୍ତୀ ନିଜ ଜନ୍ମମାଟି ସରସରାଠାରେ ଅନୁଷ୍ଠିତ ହୋଇଯାଇଛି। ଖଗେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରସରା ମହାବିଦ୍ୟାଳୟର ଅଧକ୍ଷ ଗୋପାଳକୃଷ୍ଣ ମିଶ୍ର ଅଧକ୍ଷତା କରିଥିଲେ। ସୁବଳ ଭୋଇ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦାମୋଦର ଭୋଇ, ବୈକୁଣ୍ଠ ପ୍ରଧାନ, ବାଳକୃଷ୍ଣ ନାଗ ପ୍ରମୁଖ କବିଙ୍କ ସୃଜନୀ ଓ ଜୀବନୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶିଷ ମିଶ୍ର, ମଧୁ ଭୋଇ, ବଳରାମ ପ୍ରଧାନ, ଦଧିବାବନ ପ୍ରଧାନ, ଆନନ୍ଦ ମହାପାତ୍ର, ରାଜେଶ ଭୋଇ, ସାନନ୍ଦ ଭୋଇ, ରମେଶ ଭୋଇ, କୃଷ୍ଣ ଭୋଇ, ଅଲେଖ ଖମାରି, ବିନୋଦ ଭୋଇ, ବ୍ୟାସଦେବ ପ୍ରଧାନ ପ୍ରମୁଖ କବିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଖଗେଶ୍ୱର ସାହିତ୍ୟର ପ୍ରଚାରକ ବିଶିଷ୍ଟ ସାହିତ୍ୟକ ସ୍ୱର୍ଗତ ମାନଭଞ୍ଜନ ପ୍ରଧାନଙ୍କ ଅମର ଆତ୍ମାର ସଦଗତି କାମନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ଯୁବତୀଙ୍କୁ ଘରୁ ଉଠାଇନେଲେ ଦୁର୍ବୃତ୍ତ

- ଥାନାରେ ପରିବାର ଲୋକଙ୍କ ଅପହରଣ ଅଭିଯୋଗ
- ୨ ଦିନ ପରେ ବି ପୋଲିସ ହାତ ଖାଲି

ଭେଡ଼େନ,୨୩।୪(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ଥାନା ତାଲମେଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦେହେରୀପାଲି ଗ୍ରାମର ଜଣେ ଯୁବତୀଙ୍କୁ ମାରଣାସ୍ତ୍ର ଦେଖାଇ ଘରରୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ବାପାଙ୍କ ଅଭିଯୋଗକୁ କ୍ରମେ ପୋଲିସ ଭେଡ଼େନ ଥାନାରେ ଏକ ମାମଲା (ନଂ.୧୩୨।୨୩) ରୁଜୁ କରି ତନାଘନା ଚଳାଇଛି। ଏସ୍ଆଇ ଦୟାନିଧି ପାତ୍ର ଘଟଣାର ତଦନ୍ତ କରୁଛନ୍ତି। ତେବେ ଏହି ଘଟଣା ପ୍ରଘଟ ହେବା ପରେ ଭେଡ଼େନ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ଗତ ଶୁକ୍ରବାର ମଧ୍ୟରାତ୍ରିରେ ଗୋଟିଏ ଚାରିଚକିଆ ଗାଡ଼ି ଆସି ଯୁବତୀଙ୍କ ଘର ଦ୍ୱାର ମୁହଁରେ ଅଟକିଥିଲା। ଏଥିରେ ବସିଥିବା ୧୨ ଜଣ ମୁଖାପିନ୍ଧା ଯୁବକ ଓହ୍ଲାଇ କବାଟ ବାଡ଼େଇଥିଲେ। ଯୁବତୀଙ୍କ ଜେଜେବାପା କବାଟ ଫିଟାଇ ଦେବାରୁ ସେମାନେ ଘର ଭିତରକୁ ପଶିଥିଲେ ଏବଂ ଯୁବତୀ ଶୋଇଥିବା କୋଠରୀକୁ ଯାଇ ମାରଣାସ୍ତ୍ର ଦେଖାଇ ତାଙ୍କୁ ଟେକି ନେଇଥିଲେ। ସେମାନଙ୍କୁ ପ୍ରତିରୋଧ କରିବାକୁ ଯାଇ ଯୁବତୀଙ୍କ ମା' ଏବଂ ଜେଜେବାପା ଆହତ ହୋଇଛନ୍ତି। ଘଟଣାକୁ ୨ ଦିନ ବିତିଯାଇଥିଲେ ମଧ ଯୁବତୀ ଓ ଅପହରଣକାରୀଙ୍କ କୌଣସି ସନ୍ଧାନ ମିଳିପାରିନାହିଁ। ଉଲ୍ଲେଖନୀୟ, ବରଗଡ଼ ଜିଲା ଭେଡ଼େନ ଥାନା ସବୁବେଳେ ଚର୍ଚ୍ଚାରେ ରହିଆସିଛି । ମାଖନୁ ବାଗ ହାଜତ ମୃତ୍ୟୁରୁ ଆରମ୍ଭ କରି କୁଟେନପାଲି ପ୍ରିୟଙ୍କା କୁଦେଇ ଅପହରଣ, ଜାଣ୍ଡୋଲ ଗଣହତ୍ୟା, ଆଖିଫୁଟା ତ୍ରିପଲ ମର୍ଡର ଘଟଣା ଉପରୁ ପୋଲିସ ଅଦ୍ୟାବଧି ପରଦା ଉଠାଇବାରେ ଅସମର୍ଥ ହୋଇଛି। ତେବେ ଦେହେରୀପାଲି ଯୁବତୀ ଅପହରଣ ଘଟଣାର ରହସ୍ୟ ଉନ୍ମୋଚନରେ ପୋଲିସ କେତେଦୂର ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

# ନୃସିଂହନାଥଙ୍କୁ ଲାଗିହେଲା ପଖାଳ ଭୋଗ

ପାଇକମାଳ,୨୩।୪(ଡି.ଏନ.ଏ.)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ପ୍ରଭୁ ନୃସିଂହନାଥଙ୍କଠାରେ ରବିବାର ପଖାଳ ଭୋଗ ଲାଗି ହୋଇଛି। ମନ୍ଦିର ସେବାୟତମାନେ ପଖାଳ ଭୋଗ ପ୍ରସ୍ତୁତ କରିବା ପରେ ଅପରାହ୍ନ ୪ଟାରେ ମହାପ୍ରଭୁ ନୃସିଂହନାଥଙ୍କଠାରେ ଲାଗିହୋଇଥିଲା। ପରେ ଏହି ଭୋଗ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ପଖାଳ ଭୋଗ ପାଇଁ ମନ୍ଦିର କମିଟି ତରଫରୁ ମାଟି ନିର୍ମିତ ପାତ୍ରରେ ଭକ୍ତମାନଙ୍କୁ ବିନା ମୂଲ୍ୟରେ ଅର୍ପଣ କରାଯାଇଥାଏ। ମନ୍ଦିର ସେବାୟତ ସତ୍ୟ ପୁରୋହିତ, ଆଜାଦ ମାଝି, ମଧୁସୂଦନ ତ୍ରିପାଠୀ, ଶ୍ରୀରାମ ପୁରୋହିତ, ମହେଶ୍ୱର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ନୃସିଂହନାଥ ମନ୍ଦିରରେ ଭଗବାନ ବିଷ୍ଣୁଙ୍କର ଅନ୍ୟତମ ସ୍ୱରୂପ ମାର୍ଜାରକେଶରୀ ପୂଜା ପାଉଛନ୍ତି। ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ମହାପ୍ରଭୁ ନୃସିଂହନାଥଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ମୁଣ୍ଡରେ ଓଦା କପଡା ଏବଂ ଚନ୍ଦନ ଲେପନ କରାଯାଉଥିବା ବେଳେ ଅପରାହ୍ନରେ ପଖାଳ ଭୋଗ ଅର୍ପଣ କରାଯାଉଛି। ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ନବମୀ ପର୍ଯ୍ୟନ୍ତ ନୃସିଂହନାଥ ପୀଠରେ ଏହି ପଖାଳ ଭୋଗ ଲାଗି ହେଉଛି।



ନୃସିଂହନାଥଙ୍କୁ ଲାଗି ହେବା ପରେ ଭକ୍ତମାନଙ୍କୁ ପଖାଳ ଭୋଗ ବଣ୍ଟନ କରାଯାଉଛି।

# ଅକ୍ଷିମୁଠି ଅନୁକୂଳ କଲେ ଚାଷୀ



ଅତିଥିମାନେ ଅକ୍ଷିମୁଠି ଅନୁକୂଳ କରୁଛନ୍ତି।



ଜିଲାସ୍ତରୀୟ କୃଷକ ଦିବସରେ ପୂଜାର୍ଚ୍ଚନା କରାଯାଉଛି।

ବରଗଡ଼ ଅଫିସ,୨୩।୪

ବରଗଡ ବ୍ଲକ ଗାଇସୀମା ଗ୍ରାମରେ ରବିବାର ଅକ୍ଷୟ ତୃତୀୟା ଅବସରରେ ଜିଲାସ୍ତରୀୟ କୃଷକ ଦିବସ ଓ ଅଖିମୁଠି ଅନୁକୂଳ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଆଦିତ୍ୟ ଗୋୟଲ ଅତିଥି ଭାବେ ଯୋଗଦେଇ ମହାଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ସହ ଅଖିମୁଠି ଅନୁକୂଳ କରିଥିଲେ। ଜିଲା ପରିଷଦ ଅଧକ୍ଷା ଭୋଇ ଫସଲ ଭଲ ହେବା ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିବା ସହ ଜିଲାର ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସସ୍ମିତ ଆଚାର୍ଯ୍ୟ, ଉମେଶ ପଣ୍ଡା, ଅଶ୍ୱିନୀ ତ୍ରିପାଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ ଅମାତ, ସହକାରୀ ଜିଲା ଉଦ୍ୟାନ କୃଷି ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲା କୃଷି ବିଭାଗ ତରଫରୁ କୃଷି ଯନ୍ତ୍ରପାତି ଓ ମାଣ୍ଡିଆର ବିଭିନ୍ନ ଉତ୍ପାଦ ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଜିଲା କୃଷି ଅଧିକାରୀ ଅମାତ ଓ ସହକର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରତ୍ୟେକ ବ୍ଲକରୁ ଚାଷୀମାନେ ଯୋଗ ଦେଇଥିଲେ।

## ବରଗଡ଼ ଜିଲାରେ ଅକ୍ଷୟତୃତୀୟା ଓ କୃଷକ ଦିବସ ପାଳନ

**ପାଇକମାଳ(ଡି.ଏନ.ଏ.):** ପାଇକମାଳ ବ୍ଲକ ଜୟକିଷାନ ସଙ୍ଗଠନ ତରଫରୁ ଭୁବନେଶ୍ୱରପୁର ପଞ୍ଚାୟତର ଯୋଗିନ୍ଦ୍ରନାଥପୁରଠାରେ ସଭାପତି ବିଶ୍ୱନାଥ ରଣାଙ୍କ ପୌରୋହିତରେ ଅଖିମୁଠି ଅନୁକୂଳ ହୋଇଯାଇଛି। ଗୌନ୍ତିଆ ଗଣେଶ ଭୋଇଙ୍କ ଘରୁ ଅଖିମୁଠି ଧାନ ଆଣି ତାଙ୍କ କ୍ଷେତରେ ଧରଣୀମାତା ଓ ହଳଲଙ୍ଗଳ ପୂଜାର୍ଚ୍ଚନା ପରେ ଅନୁକୂଳ ହୋଇଥିଲା। ଭୁବନେଶ୍ୱରପୁର ସରପଞ୍ଚ ଜୟନ୍ତ ସାହୁ ଚାଷୀମାନଙ୍କୁ ଏକାଠି ହୋଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ପିତାମ୍ବର ସାହୁ, ବିପିନ ବିହାରୀ ଠାକୁର, ରାହାସ ବିହାରି ସାହୁ, ବାଳକୃଷ୍ଣ ବନଛୋର ଚୂଡ଼ାମଣି ଭୋଇ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

**ପଦ୍ମପୁର(ଡି.ଏନ.ଏ.):** ପଦ୍ମପୁର ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ବରିକେଲ ଗାଁରେ ଅକ୍ଷୟ ତୃତୀୟା ଓ ଅଖିମୁଠି ପର୍ବ ପାଳିତ ହୋଇଛି। ଏଥିରେ କୃଷି ଅଧିକାରୀ ଅମୀୟ ସାହୁ, ପଦ୍ମପୁର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ସିଡିଭିଓ ପର୍ଶୁରାମ ପଣ୍ଡା, ରାଜବୋଡାସମ୍ବର କୃଷକ ସଙ୍ଗଠନର ବାଞ୍ଛାନିଧି ନାୟକ, ଆବାହକ ଅଶୋକ ସାହୁ, ରୋହିତ ପଧାନ, ଅଜିତ ଶତପଥୀ, ନିରୋଜ ଦୋରା, ସନ୍ତୋଷ କୁମାର ଶତପଥୀ, ଗୋଲକ ମେହେର, ଚିନ୍ମୟ ପଣ୍ଡା ଯୋଗ ଦେଇଥିଲେ ।

**ଝାରବନ୍ଧ (ଡି.ଏନ.ଏ.):** ଝାରବନ୍ଧ ବ୍ଲକ ନଳିପାଣିଠାରେ ବ୍ଲକ କୃଷକ ସଙ୍ଗଠନ ତରଫରୁ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ରାମକୃଷ୍ଣ ମିଶ୍ର ମୁଖ୍ୟଅତିଥି, ଝାରବନ୍ଧ ଥାନାଧିକାରୀ ଦିଲୀପ କୁମାର ବେହେରା, କୃଷି ବିଭାଗ ଅଧିକାରୀ ଗୌରାଙ୍ଗ ଚରଣ ମହାରଣା, ବ୍ଲକ ମତ୍ସ୍ୟ ଅଧିକାରୀ ସମୀର ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗାଁ ଗୌନ୍ତିଆ ଭୁବନାନନ୍ଦ ସାହୁଙ୍କ ଦ୍ୱାରା ଅଖିମୁଠି ଅନୁକୂଳ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ। କୃଷକ ନେତା କ୍ଷମାନିଧି ସାହୁ, ଭଜନ ସାଗର, ମହେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ଖନ୍ଦିବାହାଲରେ ଅଷ୍ଟପ୍ରହର ନାମଯଜ୍ଞ**

ନାକଟିଦେଉଳ,(ଡି.ଏନ.ଏ.): ନାକଟିଦେଉଳ ବ୍ଲକ କିସିଣ୍ଡା ଗ୍ରାମ ପଞ୍ଚାୟତ ଖନ୍ଦିବାହାଲ ଗ୍ରାମରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୨୧ରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ୨୨ତାରିଖ ସକାଳୁ ନାମ ଆରମ୍ଭ ହେବା ସହ ସମ୍ପୂର୍ଣ୍ଣ ବୈଦିକ ରୀତିରେ ଯଜ୍ଞ ଓ ହୋମ କାର୍ଯ୍ୟ ହୋଇଥିଲା। ଯଜ୍ଞରେ ଗ୍ରାମର କାହ୍ନୁ ଚରଣ ମାଝି ଓ ଚିତ୍ରରେଖା ମାଝି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ୮ଟି ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ରବିବାର ସକାଳୁ ଯଜ୍ଞରେ ପୂର୍ଣ୍ଣାହୁତି ପଡିଥିଲା।



ସମ୍ବଲପୁର ନନ୍ଦପଡା ବାଲୁଙ୍କେଶ୍ୱର ବାବାଙ୍କ ଥାଳଉଠା ପର୍ବ ।



ସମ୍ବଲପୁର ସୋମନାଥ ବାବାଙ୍କ ଥାଳଉଠା ନୀତି।

# ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠିଲା

**କନ୍ୟା ମାତାପିତାଙ୍କ ଉତ୍ସାହ, ବିବାହ ପ୍ରସ୍ତୁତି ଆରମ୍ଭ**

ସମ୍ବଲପୁର,୨୩।୪(ବ୍ୟୁରୋ)

*ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ତଥା ଦେବଦମ୍ପତି (ଶିବପାର୍ବତୀ)ଙ୍କ ବିବାହ କାର୍ଯ୍ୟ ପାଇଁ ରବିବାର ବିଭିନ୍ନ ଶିବାଳୟରେ ଥାଳଉଠା ନୀତି ସମ୍ପନ୍ନ ହୋଇଛି। ମାତା ପାର୍ବତୀଙ୍କୁ କନ୍ୟାରୂପେ ପାଇବା ପରେ ଶୌଭାଗ୍ୟପ୍ରାପ୍ତି ହୋଇଥିବା ଦମ୍ପତି ଓ ପରିବାର ବର୍ଗ ବେଶ୍ ଉତ୍ସାହିତ ହୋଇଛନ୍ତି। ଏପରି କି ବିବାହ କାର୍ଯ୍ୟ ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ରୁପା, ତମ୍ବା, ପିତଳ ଥାଳିରେ ବେଲପତ୍ର, ପଦ୍ମଫୁଲ ଓ ପ୍ରସାଦ ସହ ପୂଜାଥାଳି ପ୍ରସ୍ତୁତ ହୋଇଥିଲା। ପୂଜା ସମ୍ପନ୍ନ ହେବା ପରେ ପୂଜକ ଓ କମିଟି ସଦସ୍ୟମାନେ କନ୍ୟା ମାତାପିତାଙ୍କୁ ଥାଳ ପ୍ରଦାନ କରିଥିଲେ।*

## ଖାଡୁଆପଡ଼ା ଲୋକନାଥ ବାବା

ଖାଡୁଆପଡ଼ାର ଲୋକନାଥ ବାବାଙ୍କ ପ୍ରଥମେ ଜଳସେଇ ହୋଇଥିଲା। ଅପରାହ୍ନ ୪ଟାରେ ପରମ୍ପରା ଅନୁଯାୟୀ ଏ ବର୍ଷର କନ୍ୟା ମାତାପିତା ଚୟନ ହୋଇଥିଲେ। ଚଳିତ ବର୍ଷର କନ୍ୟା ପିତାମାତା ଭାବେ ଡା. ଗିରିଶଚନ୍ଦ୍ର ବେହେରା ସହଧର୍ମିଣୀ ଡା. ରେଣୁକା ଶୌଭାଗ୍ୟ ପାଇଛନ୍ତି। ଶୀତଳଷଷ୍ଠୀ ଯାତ୍ରା ପୂଜକ ମହେନ୍ଦ୍ର ପୂଜାରୀ, ମନ୍ଦିର ପୂଜକ ରାମନାଥ ମହାପାତ୍ରଙ୍କ ସମେତ କମିଟି ସଦସ୍ୟ ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପାର୍ଥ ସାରଥି ମିଶ୍ର, ମନୋଜ ମିଶ୍ର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ଶୁଭେନ୍ଦ୍ର ପଣ୍ଡା, ପ୍ରାଣରଞ୍ଜନ ପଣ୍ଡା, ସଞ୍ଜୀବ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।



ମୁଦିପଡା ଜାଗେଶ୍ୱର ପୀଠରେ ଥାଳଉଠା ନୀତି କରାଯାଉଛି।

## ବମ୍ବରାଡ଼ ବାଲୁଙ୍କେଶ୍ୱର ବାବା

ନନ୍ଦପଡା ବମ୍ବରାଡ ବାଲୁଙ୍କେଶ୍ୱର ବାବାଙ୍କ ମାତାପିତା ଭାବେ ବୁଢାରଜା ନିବାସୀ ରାଜେନ୍ଦ୍ର ନନ୍ଦ ସହଧର୍ମିଣୀ ସୁଲୋଚନାଙ୍କୁ ଶୌଭାଗ୍ୟ ମିଳିଛି। ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର, ବିବାହ ପୂଜକ ଶଶାଙ୍କ ମିଶ୍ର ସ୍ୱତନ୍ତ୍ର ପୂଜା କରିଥିଲେ। ଆୟୋଜକ ଶୀତଳଷଷ୍ଠୀ ଯାତ୍ରା କମିଟିର ସୁରେଶ୍ୱର ମିଶ୍ର, ପ୍ରଶାନ୍ତ ବରେଇ, ଅମୂଲ୍ୟ ମିଶ୍ର, ଗୋଲକ ବିହାରୀ ମିଶ୍ର, ସନ୍ତୋଷ ମିଶ୍ର, ଚକ୍ରଧର ମିଶ୍ର, ସୁବାସ ନନ୍ଦ, ନିଗମାନନ୍ଦ ମିଶ୍ର, ବେଣୁଧର ଦାସ, ଦୁର୍ଗାମାଧବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିବନ୍ଧା ସୋମନାଥ ବାବା

ସୋମନାଥ ବାବାଙ୍କ ପୂଜାର୍ଚ୍ଚନା ପରେ ସନ୍ଧ୍ୟା ୬ଟାରେ ଥାଳଉଠା ହୋଇଥିଲା। ଚଳିତ ବର୍ଷ କନ୍ୟା ପିତାମାତା ଭାବେ ଗ୍ରୀନପାର୍କ ନିବାସୀ ହରିହର ମିଶ୍ର ସହଧର୍ମିଣୀ ସୁଜାତା ଶୌଭାଗ୍ୟ ପାଇଛନ୍ତ। ମନ୍ଦିର ପୂଜକ ମନବୋଧ ପାଢୀ ଓ କୈଳାଶ ପୂଜାରୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ପରିଚାଳନା ବୋର୍ଡ ସଭାପତି ଡ. ବିଜୟ ପ୍ରଧାନ, ସଭ୍ୟ ସତ୍ୟ ପ୍ରକାଶ କର୍ଣ୍ଣ, ପ୍ରଦୀପ କୁମାର ପ୍ରଧାନ, ଶିବନାରାୟଣ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପ୍ରଧାନ, ଲୋକନାଥ ପାଣ୍ଡେ ଉପସ୍ଥିତ ରହିଥିଲେ।

## ମୁଦିପଡା ଜାଗେଶ୍ୱର ବାବା

ମୁଦିପଡା ଜାଗେଶ୍ୱର ବାବାଙ୍କ ଥାଳଉଠା ନୀତି ସନ୍ଧ୍ୟା ୭ଟାରେ ଶେଷ ହୋଇଥିଲା। କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜାଗେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିବାବେଳେ ଗୋବିନ୍ଦ ପଣ୍ଡା ସହଯୋଗ କରିଥିଲେ । ମନୋନୀତ କନ୍ୟା ମାତାପିତା ଭିଏସ୍ଏସ୍ ମାର୍ଗର ଏସ୍ ମନୋଜ କୁମାର ସହଧର୍ମିଣୀ ଏସ୍ ନର୍ମଦାଙ୍କୁ ଶୌଭାଗ୍ୟ ମିଳିଛି। ଯାତ୍ରା କମିଟିର ସୁନୀଲ ଦାଶ, ଜଗଦୀଶ ପଣ୍ଡା, ଗତିକୃଷ୍ଣ ଷଡଙ୍ଗୀ, ଈଶ୍ୱର ନନ୍ଦ, ବିନୋଦ ପଣ୍ଡା, ଲକ୍ଷ୍ମୀନାରାୟଣ ପଟେଲ, ସୁଧିର ପଣ୍ଡା, ଦୁର୍ଗା ପଟ୍ଟନାୟକ, ଜିତୁ କର୍ଣ୍ଣ, ହିମାଂଶୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବଡବଜାର ଶୀତଳେଶ୍ୱର ମନ୍ଦିର

ପଣ୍ଡିତ ଯୋଗେଶ୍ୱର ନନ୍ଦ ବଡବଜାର ଶୀତଳେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଏହାପରେ କନ୍ୟା ପିତାମାତା ବଡବଜାର ଅମିରିପଡାର କିଶୋର ପ୍ରଧାନ ସହଧର୍ମିଣୀ ରିଙ୍କି ଥାଳ ଗ୍ରହଣ କରିଥିଲେ। ମନ୍ଦିର ପୂଜକ ସଞ୍ଜୟ ବଡମାଳି ଓ ଯାତ୍ରା କମିଟି କର୍ମକର୍ତ୍ତା ଥାଳ ନେଇ ବଜାର ପରିକ୍ରମା କରିଥିଲେ। ଯାତ୍ରା କମିଟିର ସୁରେନ୍ଦ୍ର ମହାନ୍ତି, ସରୋଜ କୁମାର ସାହୁ, ପଞ୍ଚାନନ ତ୍ରିପାଠୀ, ମଣ୍ଟୁ ସାହୁ, କିଶୋର ମେହେର, ଭାବେଶ ଚାନ୍ଦ, ସଞ୍ଜିବ ନନ୍ଦ, ସଞ୍ଜୟ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଠାକୁରପଡ଼ା

ପଣ୍ଡିତ ଆଶୁତୋଷ ପୁରୋହିତ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିବା ପରେ ଥାଳ ଉଠିଥିଲା। ମନ୍ଦିର ପୂଜକ ଲୋକନାଥ ମହାପାତ୍ର କାର୍ଯ୍ୟ ସମ୍ପାଦନା କରିଥିଲେ। କନ୍ୟା ମାତା ସନ୍ତୋଷିନୀ ଓ କନ୍ୟାପିତା ସୁବାସ ଚନ୍ଦ୍ର ଦେହୁରି ବର ମାତା ପୁଷ୍ପା ଓ ବରପିତା ଶିବପ୍ରସାଦ ଦୋରାଙ୍କଠାରୁ ଥାଳ ଗ୍ରହଣ କରିଥିଲେ। ଭିମଭୋଇ ନଗର ନିବାସୀ ପିଙ୍କି ମିଶ୍ର ଓ ରାଧେଶ୍ୟାମ କନ୍ୟାପିତା ମାତା ହେବାର ଶୌଭାଗ୍ୟ ପାଇଛନ୍ତି। ଯାତ୍ରା କମିଟିର ଶିବ ପ୍ରଧାନ, କାଳିଆ ଦୋରା, ଧର୍ମେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଢାରଜା

ମନ୍ଦିର ପୂଜକ ରାଜା ସିଂ, ପଣ୍ଡିତ ରାକେଶ ପଣ୍ଡା ପୂଜାର୍ଚ୍ଚନା କରିବା ପରେ ଥାଳ ଉଠିଥିଲା। କନ୍ୟାମାତା ପିତା ଭିମଭୋଇ ପାର୍କ ଶଙ୍କରନଗରର ଜୟକୃଷ୍ଣ ନାଏକ ସହ ଧର୍ମିଣୀ ଜ୍ୟୋତିର୍ମୟୀଙ୍କୁ ଶୌଭାଗ୍ୟ ମିଳିଛି। ଯାତ୍ରା କମିଟି ସଭାପତି ରାଜେଶ ସିଂ, ଉପସଭାପତି ସନତ ନାଥ, ସାଧାରଣ ସମ୍ପାଦକ ସୁଶାନ୍ତ ତନସେନା ଉପସ୍ଥିତ ଥିଲେ।



ସମ୍ବଲପୁର ବଡବଜାର ଶୀତଳେଶ୍ୱର ବାବାଙ୍କ ଥାଳଉଠା ପର୍ବ ।



ସମ୍ବଲପୁର ବୁଢାରଜା ମନ୍ଦିରରେ ଥାଳଉଠା ନୀତି।

# ଦୁର୍ଘଟଣାରେ ବାଳିକା ମୃତ: ରାସ୍ତାରୋକୋ

ରେଢାଖୋଲ,୨୩।୪(ଡି.ଏନ.ଏ.)

ରେଢାଖୋଲ ଥାନା ଝରଣପଦା ଛକରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ୮ବର୍ଷର ବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁଳସୀ ବେହେରା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ କ୍ଷତିପୂରଣ ଦାବିରେ ୫୫ନଂ ଜାତୀୟ ରାଜପଥକୁ ଝରଣପଦା ଛକରେ ଅବରୋଧ କରିଥିଲେ। ଖବରପାଇ ଏସ୍‌ଡିପିଓ ପ୍ରଶାନ୍ତ ମେହେର ଓ ଅତିରିକ୍ତ ତହସିଲଦାର ଅମୂଲ୍ୟ ବାଘ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ରେଡକ୍ରସ୍ ପାଣ୍ଠିରୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ଲୁହାପଙ୍କ ସରପଞ୍ଚ ଚିନ୍ମୟୀ ପ୍ରଧାନ ମୃତକଙ୍କ ପରିବାର ବର୍ଗଙ୍କୁ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ତୁଳସୀଙ୍କ ବାପା କୃଷ୍ଣଚନ୍ଦ୍ର ୨ବର୍ଷ ହେବ ଆରପାରିକୁ ଚାଲିଯାଇଥିବା ବେଳେ ମା’ ତପି ମଧ୍ୟ ମାନସିକ ରୋଗୀ। ଘରେ ୫ ଭଉଣୀଭାଇ। ସ୍କୁଲ ଛୁଟି ହୋଇଥିବାରୁ ତୁଳସୀ ବନଜାତ ଦ୍ରବ୍ୟ ଚାର, କେନ୍ଦୁ ଇତ୍ୟାଦି ପଲିଥିନରେ ଧରି ବିକ୍ରି ପାଇଁ ରାସ୍ତା କଡରେ ଠିଆ ହୋଇଥିଲେ। ଏହି ସମୟରେ ଅନୁଗୋଳ ପଟରୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ (ନଂ.ଓଡି୦୮କ୍ୟୁ-୦୩୫୩) ତୁଳସୀଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ ଚାଳକ ଫେରାର ହୋଇଯାଇଥିଲେ। ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ମାମଲା ରୁଜୁ କରି ଟ୍ରକ୍‌କୁ ଜବତ କରିଛି।

# ଦୋକାନରୁ ଚୋରି ଅଭିଯୋଗ

କୁଚିଣ୍ଡା,୨୩।୪(ଡି.ଏନ.ଏ.)

ମହୁଲପାଲି ଥାନା ବାଉରୀଗୋଡା ଗ୍ରାମର ସୁଦର୍ଶନ ପଟେଲଙ୍କ ତେଜରାତି ଦୋକାନରୁ ଶନିବାର ରାତିରେ ଟଙ୍କା ସହ ଅନ୍ୟ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୫୪/୨୩) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ ଶନିବାର ବିଳମ୍ବିତ ରାତିରେ ସୁଦର୍ଶନ ଦୋକାନ ବନ୍ଦକରି ଶୋଇଥିବା ସମୟରେ କବାଟ ଭାଙ୍ଗି କେତେଜଣ ଦୁର୍ବୃତ୍ତ ଭିତରକୁ ପଶିଥିଲେ। ସେମାନେ ସୁଦର୍ଶନଙ୍କୁ କାବୁ କରି ପାଟି ଓ ଆଖିରେ ଗାମୁଛା ବାନ୍ଧି ଦୋକାନରେ ଥିବା ପ୍ରାୟ ୪୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସହ କିଛି ରେନି କୋର୍ଟ, ଟର୍ଚ୍ଚ ଲାଇଟ ଓ ମୋବାଇଲ ଫୋନ ନେଇଯାଇଥିଲେ। ପରେ ସେମାନେ ସୁଦର୍ଶନଙ୍କ ହାତବାନ୍ଧି ନିକଟସ୍ଥ ଶୂନଶାନ ରାସ୍ତାରେ ଛାଡି ଫେରାର ହୋଇଯାଇଥିଲେ। ଏ ନେଇ ରବିବାର ସକାଳେ ସୁଦର୍ଶନ ଥାନାରେ ଲିଖିତ ରିପୋର୍ଟ କରିଥିଲେ। ୭/୮ଜଣ ଦୋକାନରେ ପଶିଥିବା ଓ ସେମାନେ ସମ୍ବଲପୁରୀ ଭାଷାରେ କଥାବାର୍ତ୍ତା କରୁଥିବା ଦୋକାନୀ ଜଣକ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ପ୍ରକାଶଥାଉ କି, କିଛିଦିନ ପୂର୍ବରୁ ବାଉରୀଗୋଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ସୋଲାର ପ୍ଲେଟ, ପଞ୍ଚାୟତ ଅଫିସ ତାଲା ଭାଙ୍ଗି ଗୋଦାମରୁ ଚାଉଳ ଓ ପରେ ୩ଗୋଟି ସାଇକେଲ ଚୋରି ହୋଇଥିଲା। ଏସବୁ ଘଟଣାର ପୋଲିସ ତଦନ୍ତ କରୁଥିଲେ ମଧ୍ୟ ଅଭିଯୁକ୍ତଙ୍କ ସନ୍ଧାନ ମିଳି ନ ଥିବା ପୋଲିସ କହିଛି।

# ସାଲେଭାଡିରେ ସ୍ୱାସ୍ଥ୍ୟ ମେଳା ଓ ସଚେତନତା ଶିବିର



ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଡାକ୍ତର।

କୁଚିଣ୍ଡା,୨୩।୪(ଡି.ଏନ.ଏ.)

କୁଚିଣ୍ଡା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଜିଲା ପ୍ରଶାସନ ଓ ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ମେଳା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାଲେଭାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ହୋଇଥିବା ସ୍ୱାସ୍ଥ୍ୟ ମେଳାରେ ସାଲେଭାଡି, କୁସୁମୀ ଓ କୁ. ଜମନକିରା ପଞ୍ଚାୟତର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କ ଆଦେଶ କ୍ରମେ ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶନାଥ ପାଣ୍ଡେ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମକୁ କୁଚିଣ୍ଡା ଉପଜିଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହିଣ୍ଡାଲ୍‌କୋ ସିଏସ୍ଆର ମୁଖ୍ୟ ସୁକାନ୍ତ ମହାପାତ୍ର, ସରପଞ୍ଚ ଧନୁର୍ଜୟ ନାଏକ, ସମିତି ସଭ୍ୟ ସନ୍ତୋଷ ନାଏକ, ସମିତି ସଭ୍ୟା ଭାନୁମତି କିଷାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ମୋଟ ୬୨୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଚାରି ଜଣଙ୍କୁ ତିନିଚକିଆ ସାଇକେଲ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆକାଉଣ୍ଟ ଅଫିସର ଅଜୟ ବାଗେ, ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ବିପିଏମ ଟିପେନ୍‌ସନ ବେହେରା, କନିଷ୍ଠ ଯନ୍ତ୍ରୀ ରୁଦ୍ର ପ୍ରତାପ ନାୟକ, ଇଓ ଶେଷଦେବ ପାଣିଗ୍ରାହୀଙ୍କ ସମେତ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ସିଆରପି, ଏମବିକେ, କୃଷି ମିତ୍ର, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ସହଯୋଗ କରିଥିଲେ। ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସମ୍ବଲପୁରୀ ଶାର୍ଟ, ଲଙ୍କା ଗୁଣ୍ଡ ଓ ବିଭିନ୍ନ ପ୍ରକାର ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା।

# ବାବା ଶଗଡେଶ୍ୱରଙ୍କ ପୀଠରେ ଗଣ୍ଠିଲି ଫିଟା ଓ ଥାଳଉଠା ନୀତି



ଶଗଡେଶ୍ୱର ପୀଠରେ ଥାଳଉଠା ନୀତି ସମ୍ପନ୍ନ କରାଯାଉଛି।

ଜମନକିରା,୨୩।୪(ଡି.ଏନ.ଏ.)

ଶୀତଳଷଷ୍ଠୀ ପୂଜା ପାଇଁ ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତସ୍ଥିତ ବାବା ଶଗଡେଶ୍ୱର ପୀଠରେ ଗଣ୍ଠିଲି ଫିଟା ଓ ଥାଳ ଉଠା କାର୍ଯ୍ୟକ୍ରମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବର୍ଷରେ ପିତାମାତା ହୋଇଥିବା ଅଜୟ ବେହେରା ଓ ସହଧର୍ମିଣୀ କାଦମ୍ବିନୀ ବେହେରା ଗଣ୍ଠିଲି ଫିଟାଇଥିଲେ। ଚଳିତ ବର୍ଷ ମାତା ପାର୍ବତୀ ପିତାମାତା ଭାବେ ରଞ୍ଜନ କୁମାର ପଣ୍ଡା ଓ ସହଧର୍ମିଣୀ ମୋନାଲିସା ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ଶିବ ବାବାଙ୍କ ପିତାମାତା ଭାବେ ଦେବଗଡ଼ ଜିଲା ଡେରାପତରା ଗାଁର ସଞ୍ଜିତ ପ୍ରଧାନ ଓ ସହଧର୍ମିଣୀ ମାମିଲତା ପ୍ରଧାନ କାର୍ଯ୍ୟ ତୁଲାଇଥିଲେ। ଆସନ୍ତା ମେ ୨୪ ତାରିଖରେ ହେବାକୁ ଥିବା ଶଗଡେଶ୍ୱର ମହୋତ୍ସବ ଓ ଶୀତଳଷଷ୍ଠୀ ଯାତ୍ରା ପାଇଁ ବାବା ମଠ ସନ୍ନିକଟ ହିମାଳୟସ୍ଥିତ ସ୍ଥାନରେ ପିତ୍ରାଳୟ ହେବାକୁ ସ୍ଥିର ହୋଇଛି। ପୂଜାକାର୍ଯ୍ୟ ନିତ୍ୟାନନ୍ଦ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟିର ରୁଦ୍ର ନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, କୋଷାଧ୍ୟକ୍ଷ ରତନ ଲାଲ ସିଂ ଉପସ୍ଥିତ ଥିଲେ।

# ଅକ୍ଷୟତୃତୀୟା, କୃଷକ ଦିବସ ପାଳିତ

ସମ୍ବଲପୁର,୨୩।୪(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ସନାତନପାଲି ଗ୍ରାମରେ ରବିବାର ଜିଲାସ୍ତରୀୟ ଅକ୍ଷୟତୃତୀୟା ଓ କୃଷକ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଭୂମିପୂଜା ପରେ ହଳ କରି ଅଖିମୁଠି ଦେଇ ଆଗାମୀ ଖରିଫ ଚାଷ ପାଇଁ କୃଷକମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିଭାବେ ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ମମତା ନାଏକ, ଜିଲାପରିଷଦ ସଭ୍ୟା କବିତା ସାହୁ, ଚାଷୀ ରାମସାଗର ସାହୁଙ୍କ ସମେତ କୃଷି ବିଭାଗ ଅଧିକାରୀ ଓ ଚାଷୀମାନେ ଉପସ୍ଥିତ ରହିଥିଲେ। ଚାଷୀମାନଙ୍କୁ ଉତ୍ତମ କିସମ ବିହନ ବ୍ୟବହାର କରିବା, ଜୈବିକ ପଦ୍ଧତିରେ ଚାଷ କରିବା, ଧାନ ସହିତ ଅନ୍ୟାନ ଫସଲ କରି ଅଧିକ ଲାଭବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସରକାରୀ ସ୍ତରରେ ଦିଆଯାଉଥିବା ସମସ୍ତ ଯୋଜନାର ଲାଭ ନେବାକୁ କହିଥିଲେ। ଚଳିତ ବର୍ଷ ବର୍ଷା ସ୍ୱାଭାବିକ ହେବାର ପାଣିପାଗ ବିଭାଗ ଅନୁମାନ କରିଥିବାରୁ ଚାଷୀ କୁଳକୁ ଏହା ଅନୁକୂଳ ହେବ ବୋଲି ଅତିଥିମାନେ କହିଥିଲେ।



ସନାତନପାଲିରେ ଅଖିମୁଠି ଅନୁକୂଳ କରାଯାଉଛି।

## କୃଷି ବିଭାଗ ପକ୍ଷରୁ ଅକ୍ଷୟ ତୃତୀୟା

**କୁଚିଣ୍ଡା,୨୩।୪(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ହାଡ଼ିପାଲି ପଞ୍ଚାୟତର ସିଙ୍ଗଲପୋଷି ଗ୍ରାମରେ କୁଚିଣ୍ଡା କୃଷି ବିଭାଗ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଦସ୍ୟ ଅଜିତ କୁମାର ମହାପାତ୍ର ମୁଖ୍ୟଅତିଥି, ହାଡ଼ିପାଲି ସରପଞ୍ଚ ମନ୍ଦାକିନୀ ନାଏକ, ଗୋଛରା ସମିତି ସଭ୍ୟା ସୁକାନ୍ତି ସେଠ, ଅର୍ଡାବାହାଲ ସମିତି ସଭ୍ୟା ଚମ୍ପାବତୀ ବେହେରା, ଜିଲା କୃଷି ପରାମର୍ଶଦାତା ବିପିନ ବିହାରୀ ନାୟକ, ଆତ୍ମା ଓ ଏଫ୍ଆଇଏସି ଅଧ୍ୟକ୍ଷା ଲତା ପଟେଲ, ବ୍ଲକ କୃଷି ଅଧିକାରୀ ଶାନ୍ତନୁ କରାଲି, ଜିଲା କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ସହକାରୀ କୃଷି ଅଧିକାରୀ ସୁସ୍ମିତା କିରୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ।

# ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳ

ନାକଟିଦେଉଳ,୨୩।୪(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ କୃଷି ବିଭାଗ ପକ୍ଷରୁ ରବିବାର ଡଇଁଚା ପଞ୍ଚାୟତର ତେରବେଡା ଗ୍ରାମରେ ବ୍ଲକସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ମଧୁମତି ମୁର୍ମୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ ମୁଖ୍ୟଅତିଥି ଓ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦିବସ ସମ୍ପର୍କରେ ଆଲୋକ ପାତ କରିବା ସହ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରହିଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନେ କ୍ଷେତରେ ହଳ ଧରି ଧାନ ବିହନ ବୁଣି ଅଖିମୁଠି ଅନୁକୂଳ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଅଧିଦର୍ଶକ କାଶୀନାଥ ସାହୁ, ବୈକୁଣ୍ଠ ରାଉଳ, ଡଇଚା ପଞ୍ଚାୟତର ଗ୍ରାମସେବକ ଦକ୍ଷ ପ୍ରଜାପତି ଧଳ ଓ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଗ୍ରାମସେବକ ଶରତ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ।



କ୍ଷେତରେ ଧାନବୁଣି ଅଖିମୁଠି ଅନୁକୂଳ କରାଯାଉଛି।

**ଧରଣୀ ପୀଠରେ ପୋଢ଼ବଳି**

ରୁପ୍ରାରୋଡ଼,(ଡି.ଏନ୍.ଏ.): ନର୍ଲା ବ୍ଲକ ଅଧୀନ ରାକ୍ସସି ଓ ବାଲିଶୀଙ୍ଗା ପଞ୍ଚାୟତରେ ଅକ୍ଷୟତୃତୀୟା ଅବସରରେ ଧରଣୀ ପୀଠରେ ପୋଢ଼ବଳି ପ୍ରଥା ଦେଖିବାକୁ ମିଳିଥିଲା। କନ୍ଧ ସମ୍ପ୍ରଦାୟ ପୂର୍ବଜମାନଙ୍କ ପରମ୍ପରା ଅନୁଯାୟୀ ଚାଲି ଆସୁଅଛି ପୋଢ଼ବଳି ପ୍ରଥା। ଉକ୍ତ ପ୍ରଥାରେ ନିଜର ଇଷ୍ଟ ଦେବୀ ମା'ଧରଣୀଙ୍କ ପୀଠରେ ପ୍ରତି ୧୨ ବର୍ଷରେ ଥରେ ପୋଢ଼ବଳି ଅର୍ପଣ କରାଯାଇଥାଏ। ରବିବାର ପରମ୍ପରା ଅନୁଯାୟୀ ୧୨ ବର୍ଷ ପୂରଣ ଅବସରରେ ଧରଣୀ ପୀଠରେ ପୋଢ଼ ବଳି ଦିଆଯାଇଥିଲା। ଏହି ପୂଜାରେ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ବାଇକ୍ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ଭବାନୀପାଟଣା,୨୩।୪(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଗଡ଼ିଆଯୋର ଛକ ନିକଟରେ ରବିବାର ଅପରାହ୍ନରେ ୨ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ସୁବଦାସ ତାଣ୍ଡି ଏବଂ ଗୁରୁତର ବ୍ୟକ୍ତିଙ୍କ ନାମ ଗଣେଷ ଛତ୍ରିଆ ବୋଲି ଜଣାପଡ଼ିଛି। ଉଭୟଙ୍କ ଘର ବ୍ଲକର ସାନ କେନ୍ଦୁଗୁଡ଼ା ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ, ସୁବଦାସ ଓ ଗଣେଷ ଧର୍ମଗଡ଼ରୁ ନିଜ ଘରକୁ ବାଇକ୍ ଯୋଗେ ଫେରୁଥିବାବେଳେ ଗଡ଼ିଆଯୋର ଗ୍ରାମ ଛକ ନିକଟରେ ଅପର ପାର୍ଶ୍ୱରୁ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ସୁବଦାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଗଣେଷ ଚିକିତ୍ସିତ ହେଉଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ସଲଙ୍ଗିପଡାରେ ଅକ୍ଷୟତୃତୀୟା

ନୂଆପଡା ଅଫିସ/କୋମନା,୨୩।୪ (ଡି.ଏନ.ଏ.): ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ପଞ୍ଚାୟତ ସଲଙ୍ଗିପଡାଠାରେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରଥମରେ ମାଟିଦେବତା ଓ ମା' ଲକ୍ଷ୍ମୀଙ୍କୁ ପୂଜା ଅର୍ଚ୍ଚନା କରି ଉପସ୍ଥିତ ଚାଷୀମାନଙ୍କୁ ନେଇ ଏକ ସଭା ହୋଇଥିଲା। ଏହି ଅବସରରେ ସଂଗ୍ରାମ ପରିଷଦର ଆବାହକ ଯଦୁମଣି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅକ୍ଷୟ ତୃତୀୟା ଚାଷୀମାନଙ୍କ ପର୍ବ। ଚାଷୀ ଅକ୍ଷୟ ତୃତୀୟା ଦିନ ପ୍ରଥମ କରି ଅକ୍ଷିମୁଠି କରି ଚାଷ କାମ ଆରମ୍ଭ କରିଥାଏ। ବର୍ତ୍ତମାନ ସମୟରେ ଚାଷୀ ପାଳନ ନ କରି ସରକାରୀସ୍ତରରେ ସୀମିତ ରହିଯାଉଛି। ଆମେ ପ୍ରତିବର୍ଷ ପ୍ରତ୍ୟେକ ଗାଁରେ ଅକ୍ଷୟ ତୃତୀୟା ପାଳନ କରିବା ବୋଲି ଆହ୍ୱାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିପ୍ର ଶବର ପ୍ରଥମ ଅଖିମୁଠି ଅନୁକୂଳ କରିଥିଲେ। ଠିକପାଲି ସରପଞ୍ଚ ସନ୍ତୋଷିନୀ ସୁନାନୀ, ଗଣ୍ଡାମେର ସରପଞ୍ଚ ପ୍ରହ୍ଲାଦ ଶବର, ଦଧି ନାଗ, ସପନେ ବାଗ, ପୁଷ୍କର ଶବର, କୁଞ୍ଜଶବର, ନବୀ ମହମ୍ମଦ, ମଧୁ ଶବର, ପଣ୍ଡୁ ଶବର, ଋଟୁ ଶବର, ଭଗତ ସତନାମୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅକ୍ଷୟ ତୃତୀୟାରେ ଅକ୍ଷିମୁଠି ଅନୁକୂଳ କଲେ ବ୍ଲକ ଉପାଧ୍ୟକ୍ଷ, ଅଧିକାରୀ

କୋକସରା,୨୩।୪(ଡି.ଏନ୍.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କୃଷି ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ଅକ୍ଷୟତୃତୀୟା, କୃଷକ ଦିବସ ଫୁପଗାଁ ପଞ୍ଚାୟତ ଧାନମଣ୍ଡିରେ ପାଳନ କରାଯାଇଛି। କୃଷକ ଦିବସ ପାଳନ ପୂର୍ବରୁ ଭୂମି ପୂଜନ, ଅକ୍ଷିମୁଠି ଅନୁକୂଳ ପାଇଁ ପୂଜାର୍ଚ୍ଚନା ହୋଇଥିଲା। ପରେ ଫୁପଗାଁର ଜଣେ ଚାଷୀଙ୍କ ଜମିରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ଗୋଷ୍ଠୀ କୃଷି ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ରତ୍ନରାଜ ମାଝୀ, ଫୁପଗାଁ ସରପଞ୍ଚ ଗଜାନନ ପୂଝାରୀ, କୃଷକ ମଞ୍ଚ ସଭାପତି ଗଜାନନ ନିଆଲ, ପୂର୍ବତନ କୃଷି କର୍ମଚାରୀ ଶ୍ରୀନିବାସ ପ୍ରଧାନୀ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, ସହକାରୀ ମତ୍ସ୍ୟ ଅଧିକାରୀ ଲଳିତ ମହାନନ୍ଦ, ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ମୃତି ରଞ୍ଜନ ଦାଶ, ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସମେତ ଅଞ୍ଚଳର ଜନ ପ୍ରତିନିଧି, ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ରହି ଅକ୍ଷିମୁଠି ଅନୁକୂଳ କରିବା ସହ ବିହନ ବୁଣି ଚାଷ କାର୍ଯ୍ୟ ଅନୁକୂଳ କରିଥିଲେ। ପରେ ଧାନ ମଣ୍ଡିରେ କୃଷକଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷୀଙ୍କୁ କୃଷି ବିଭାଗ ସହ ସମନ୍ୱୟ ରଖି ଠିକ ସମୟରେ ରୋଗପୋକ ନିୟନ୍ତ୍ରଣ ପାଇଁ ପରାମର୍ଶ ନେବା ସହ ପାରମ୍ପରିକ ଚାଷ ସହ ଅତ୍ୟାଧୁନିକ କୃଷି ପଦ୍ଧତି ଆପଣାଇବା, କେବଳ ଧାନଚାଷ ମଧ୍ୟରେ ସୀମିତ ନ ରହି ବିଭିନ୍ନ ଶସ୍ୟ, ତୈଳବୀଜ ଜାତୀୟ ତଥା ମିଲେଟ ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ମାଣ୍ଡିଆ ଚାଷ କରିବା ପାଇଁ ଚାଷୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ କୃଷି ବିଭାଗର କ୍ଷେତ୍ର ଓ କାର୍ଯ୍ୟାଳୟର କର୍ମଚାରୀ ଆଶିଷ ପାଟିଲ, ହିମାଂଶୁ ଭୂଷଣ ଦାସ, ପ୍ରଦୀପ ରଣା, ଚନ୍ଦ୍ର କେତୁ ମେହେର, ଅବିନାଶ ଠାକୁର, ଟିଙ୍କଚନ ଦଳପତି, ରଞ୍ଜନ ହଂସ, ଭକ୍ତ ଚରଣ ମାଝୀ, ଉପେନ୍ଦ୍ର ଜାଲ, ଟିଙ୍କଚନ ମାଝୀ, ଇନ୍ଦୁ ପାଣିଗ୍ରାହୀ, ଇତିଶ୍ରୀ ପାଣିଗ୍ରାହୀ, ସରସ୍ୱତୀ ମେହେର, ପ୍ରଦୀପ ପଟେଲ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୋଷ୍ଠୀ ବ୍ଲକ କୃଷି ଅଧିକାରୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ବାଲିଚୁଆଁ ପାଣି ଭରସାରେ ଗ୍ରାମବାସୀ

ନୂଆପଡା ଅଫିସ,୨୩।୪

ବିଶୁଦ୍ଧ ପାନୀୟ ଯୋଗାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯୋଜାନା ଉପରେ ଯୋଜନା କରୁଛନ୍ତି। ସ୍ଥାନୀୟ ଅଧିକାରୀ ବା କର୍ମଚାରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁ ଲୋକେ ପାଣି ବୁନ୍ଦାଏ ପାଇପାରୁ ନାହାନ୍ତି। ଗାଁରେ ପାଇପ ପୋତା ଯାଇ ଷ୍ଟାଣ୍ଡପୋଷ୍ଟ ତିଆରି ହୋଇ ଭାଙ୍ଗି ସାରିଲାଣି। ହେଲେ ଗାଁକୁ ପାଣି ପହଞ୍ଚି ପାରିଲା ନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ବାବେଘାଟି ଗାଁରେ। ୮ଶହରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗାଁରେ ୧୩୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବାବେଳେ ୪ ଟି ନଳକୂଅ ରହିଛି। ୨ଟିରେ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁ ଥିବାରୁ ପ୍ରଶାସନ ପକ୍ଷରୁ ନିଷିଧ କରି ଦିଆଯାଇଛି। ଅଦାପଡା ପଡା ଠାରେ ଥିବା ନଳକୂଅରେ ସାପ,ହାଡ,ମାଂସ,ଜୋକ,ଜିଆ,ପୋକ ସହ ଗୋଳିଆ ପାଣି ବାହାରୁ ଥିବାରୁ ବ୍ୟବହାର କରୁନାହାନ୍ତି। ଅନ୍ୟ ଏକ ନଳକୂଅରେ ଗାଁର ସବୁ ଲୋକ ବ୍ୟବହାର କରୁଥିବାରୁ ରାତି ନ ପାହିବା ଆଗରୁ ଲମ୍ବା ଲାଇନ ଲାଗିବାକୁ ପଡୁଛି। ସେଥିରେ ମଧ୍ୟ ସମସ୍ତଙ୍କୁ ପାଣି ଠିକ ଭାବରେ ହେଉ ନ ଥିବାରୁ ୧ କିଲୋମିଟର ଦୂରରେ ଥିବା ଏକ ପୋଖରୀକୁ ଯାଇ ବାଲିଚୂଆଁ କରି ପାଣି ଆଣି ଲୋକେ ବ୍ୟବହାର କରୁଛନ୍ତି। ବାଲି ଚୂଆଁ ପାଣି ଖାଇବା ଯୋଗୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଗାଁରେ ବସୁଧା ଯୋଜନାରେ ପାଣି



ମହିଳାମାନେ ବାଲିଚୁଆଁ କରି ପାଣି ଆଣୁଛନ୍ତି।

**ବସୁଧା ଯୋଜନା ଫେଲ୍**

ଯୋଗାଇବା ପାଇଁ ପାଇପ ପୋତା ଯାଇ ପ୍ରତ୍ୟେକ ଘର ଦ୍ୱାର ମୁହଁରେ ଖୁଣ୍ଟମାନ ପୋତା ଯାଇଥିଲା। ସେହି ଖୁଣ୍ଟସବୁ ଭାଙ୍ଗି ଗଲାଣି। ହେଲେ ଗାଁକୁ ପାଣି ପହଞ୍ଚି ପାରିଲା ନାହିଁ। ଜିଲାରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଖରାରେ ଲୋକେ ତ୍ରାହି ତ୍ରାହି ହେଉଥିବାବେଳକୁ ଗାଁରେ ପାଣି ପାଇଁ ଡହକ ବିକଳ ହେଉଛନ୍ତି। ପାଣି ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲା ପ୍ରଶାସନଙ୍କୁ ମଧ୍ୟ ଜଣାଇ ସାରିଲେଣି। ହେଲେ କୌଣସି ସୁଫଳ ମିଳୁ ନାହିଁ। ଗ୍ରାମରେ ଜନସଂଖ୍ୟା ଅନୁପାତରେ ଆବଶ୍ୟକ ନଳକୂଅ ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓଙ୍କୁ ପଚାରିବାରୁ ବହୁତ ଶୀଘ୍ର ସମସ୍ୟାର ସାମାଧାନ କରାଯିବ ବୋଲି କହିଛନ୍ତି।

# ମାଟି ମା'ର ପୂଜାର୍ଚ୍ଚନା କଲେ ଚାଷୀ

କର୍ଲାମୁଣ୍ଡା,୨୩।୪(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ. ମାଲପଡ଼ା ପଞ୍ଚାୟତ ସରଦାପୁରରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ନେଇ ରବିବାର ବ୍ଲକ ସ୍ତରୀୟ ଅକ୍ଷୟତୃତୀୟା ପାଳନ ଅବସରରେ ମାଟି ମାଆର ପୂଜାର୍ଚ୍ଚନା ସହ ଅନୁକୂଳ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଆତ୍ମା କମିଟି ଅଧ୍ୟକ୍ଷ ଗୌର କିଶୋର ରଣାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବିଧାୟକ ପ୍ରତିନିଧି ଦୀନବନ୍ଧୁ ସାହୁ, ସ. ମାଲପଡ଼ା ସରପଞ୍ଚ ବରୁଣ ଛତ୍ରିଆ, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର ମୁର୍ମୁ, ଏଓ ଅରୁଣ ଚନ୍ଦ୍ର ପାଢ଼ୀ, କର୍ଲାମୁଣ୍ଡା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ତଥା ମିଲେଟ ମିଶନ ପ୍ରକଳ୍ପର ଏବିପିସି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଅକ୍ଷୟତୃତୀୟା ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିବା ସହ ଜଳବାୟୁ ସହଣୀ ଚାଷ, କ୍ଷୁଦ୍ର ଶସ୍ୟ ଚାଷ, ବିହନ ସୁରକ୍ଷା, ମାଟି ସୁରକ୍ଷା ଓ ପାରମ୍ପରିକ ବିହନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକ ସାଥୀ ବାଲ୍ମୀକି ଛତ୍ରିଆ, ଜିତେନ୍ଦ୍ର ନାଥ ସାହୁ, କିଶୋର ସାହୁ, ରୁଦ୍ର ସାହୁ, ଜନକ ସାହୁ, ବୃନ୍ଦାବନ ବାଗ, ବେଦବର ସାହୁ, ଗ୍ରାମ୍ୟ କୃଷିକର୍ମୀ ସୁରଜ ଶେଖର ସାହୁ, ସନ୍ତୋଷିନୀ ବରାହ, ଲୋକନାଥ ନାଗ, ପୀତାମ୍ବର ମାଝୀ, ସୁଶାନ୍ତ ମହାରଣା ଓ ଚାଷୀ ବାଲିବିର ଭୋଇ, ମାଖୁନୁ ରାମ ଭୋଇ, ଅରବିନ୍ଦ ଗହୀର, ତାରା ଭୋଇ, କପିଳାସ ଭୋଇ, ନୀଳମଣି ଭୋଇ, କୃପାସିନ୍ଧୁ ଛତ୍ରିଆ, ଗୌର ଭୋଇ, କେଦାର ସେଠ, ସନାତନ ଭୋଇ, ମହେନ୍ଦ୍ର ସାହୁ ଓ ଶତାଧିକ ଚାଷୀ ଯୋଗଦେଇଥିଲେ।



ଅକ୍ଷୟ ତୃତୀୟାରେ ମାଟି ପୂଜା କରାଯାଉଛି।

**ପାରମ୍ପରିକ କୃଷି ଉପରେ ଗୁରୁତ୍ୱ**

# ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ

ନୂଆପଡ଼ା ଅଫିସ/କୋମନା, ୨୩।୪(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଅଧିନସ୍ଥ ଠିକପାଲି ପଞ୍ଚାୟତ ଚାରିଛକ ଠାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋମନା ବିସିସି ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି,ଗଣ୍ଡାମେର ସରପଞ୍ଚ ପ୍ରହ୍ଲାଦ ଶବର, ଠିକପାଲି ସରପଞ୍ଚ ସନ୍ତୋଷିନୀ ସୁନାନୀ,ଚାଷୀ ଇନ୍ଦ୍ରମଣୀ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ବିପ୍ର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଠିକପାଲି ଓ ଗଣ୍ଡାମେର ପଞ୍ଚାୟତର ୧୦ଟି ଗାଁକୁ ନେଇ ଏହି ପ୍ରାଥମିକ କୃଷି ସମବାୟ ସମିତ ଲିଃ ଗଠିତ ହୋଇଛି। ଏହା ପୂର୍ବରୁ ପଞ୍ଚାୟତର ଚାଷୀମାନେ ତରବୋଡ ପ୍ରାଥମିକ କୃଷି ସମବାୟ ସମିତିକୁ ଯାଉଥିଲେ। ଏମାନଙ୍କୁ ୧୫ ରୁ ଅଧିକ କିଲୋମିଟର ପଡୁଥିବାରୁ ଅଧିକାଂଶ ଚାଷୀ ସେବା ପାଇବାରୁ ବଞ୍ଚିତ ହେଉଥିଲେ। ତରବୋଡକୁ ଯିବା ପାଇଁ ଭଲ ରାସ୍ତା ନ ଥିଲା। ଘାଟି ଓ ଜଙ୍ଗଲ ରାସ୍ତା ଲୋକଙ୍କୁ ଯିବା ପାଇଁ କୌଣସି ସୁବିଧା ନ ଥିବାରୁ ଯାତାୟାତରେ ଅସୁବିଧା ହେଉଥିଲା। ଚାରିଛକ ଠାରେ ସେବା ସମବାୟ ସମିତି ହେବାରୁ ଅଞ୍ଚଳର ଚାଷୀମାନେ ଖୁସିବ୍ୟକ୍ତ କରୁଛନ୍ତି। ସମିତିର ସମ୍ପାଦକ କ୍ଷମା ନାଗ, ଭୁବନେ ବାଗ, ସପନେ ବାଗ, ଦଧି ନାଗ, କୁଞ୍ଜ ଶବର, ପୁଷ୍କର ଶବର, ଭଗତ ସତନାମୀ, ନିଳାମ୍ବର ବନଛୋର, ହୃଷିକେଶ ଶବର, ନିରଞ୍ଜନ ନାଗ,ମଧୁସୁଦନ ନାଗ, କୁମାରୀ ଶବର, ଦଶରଥ ଶବର, ରମେଶ ନିଆଲ, ମାର୍କଣ୍ଡ ଶବର, ନବୀ ମହମ୍ମଦ, ତେଜଧର ଶବର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବୃନ୍ଦାବାହାଲରେ ବ୍ଲକସ୍ତରୀୟ କୃଷକ ଦିବସ ପାଳିତ

ଗୋଲାମୁଣ୍ଡା,୨୩।୪(ଡି.ଏନ୍.ଏ.)

ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲରେ ଅକ୍ଷୟତୃତୀୟା ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ବ୍ଲକ ସ୍ତରୀୟ କୃଷକ ଦିବସ ପାଳିତ ହୋଇଥିଲା ଏବଂ ସଫଳ ଚାଷୀଙ୍କୁ ପୁରସ୍କୃତ ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମିଲେଟ ମିଶନ ପକ୍ଷରୁ ଗୋଲାମୁଣ୍ଡା ବ୍ଲକ ଫୁଣ୍ଡା ଗ୍ରାମର ମା' ସାବିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଏକ ଫୁଡ ଫେଷ୍ଟିଭାଲ ପ୍ରଦର୍ଶନ ହୋଇଥିଲା। ମାଣ୍ଡିଆରୁ ତିଆରି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଅତିଥି ଓ ଉପସ୍ଥିତ ଚାଷୀଙ୍କୁ ଖାଇବାକୁ ଦିଆଯାଇଥିଲା। ମିଲେଟ ମିଶନ ଜରିଆରେ ମାଣ୍ଡିଆ ଚାଷ ଓ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀକୁ ପ୍ରତି ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରାଯିବ ବୋଲି ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଓ ଆତ୍ମା କମିଟି ଅଧ୍ୟକ୍ଷ ଇଂ. ଦିନେଶ କୁମାର ରାଉତ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଲିଙ୍ଗରାଜ ମେହେର, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଭୁବନ ମୋହନ ସାହୁ, ଉଦ୍ୟାନ ବିଭାଗ କ୍ଷେତ୍ର ଅଧିକାରୀ ପ୍ରତିମା ବେହେରା, ଦଶପୁର ଜୋନ ଜିଲା ପରିଷଦ ସଭ୍ୟା ସରିତା ମାଝୀ, ବୃନ୍ଦାବାହାଲ ସମିତି ସଭ୍ୟ ଗୋରେଖ ବିଶି, ଗଣ୍ଡାମେର ସରପଞ୍ଚଙ୍କ ପ୍ରତିନିଧି ବୃନ୍ଦାବନ ନାୟକଙ୍କ ସମେତ ଆତ୍ମା କମିଟି ସଦସ୍ୟ ଓ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



@ ବିନାୟକ



@ ଶୁଭମ୍

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାଳବୈଶାଖୀ ହେଲା କାଳ, ପରିବା ଚାଷୀଙ୍କ ବ୍ୟାପକ କ୍ଷତି



ଚାଷୀମାନେ ନଷ୍ଟ ହୋଇଥିବା ପରିବା ଚାଷ ଦେଖୁଛନ୍ତି।

ବେହେରା,୨୩।୪(ଡି.ଏନ୍.ଏ.)

ଅଦିନିଆ ବର୍ଷା, କାଳବୈଶାଖୀ ଓ କୁଆପଥର ମାଡ଼ ମାସକ ମଧ୍ୟରେ ବାରମ୍ବାର ହେଉଥିବାରୁ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ଦଲସର୍ଗି ଗ୍ରାମର ଅନେକ ପନିପରିବା ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରାୟ ୨୫ରୁ ଅଧିକ ଏକର ଚାଷ ଜମିରେ ଭେଣ୍ଡି ସହ ଅନ୍ୟାନ୍ୟ ପନିପରିବା ଚାଷ କରାଯାଇଥିବା ବେଳେ ଲଗାତାର ବର୍ଷା ହେବାରୁ ପାଣି ଜମି ଫସଲ ନଷ୍ଟ ହେଉଛି। ଫଳରେ ଚାଷୀ ଅନେକ କ୍ଷତି ସହୁଛନ୍ତି। ପନିପରିବା ଚାଷ ହିଁ ପେଟପାଟଣାର ଏକ ମାତ୍ର ପନ୍ଥା ହୋଇଥିବାରୁ ଭାଗ୍ୟକୁ ଦୋଷ ଦେଇ ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଗ୍ରାମର ସତ୍ୟାନନ୍ଦ କାଣ୍ଡ, ରୁକ୍ମଣ ପୂଝାରୀ, ଶଙ୍କର ହଂସ, ଗଂଟୁ ହଂସ, ପ୍ରେମ କାଣ୍ଡ, ଜୀମୂତ କାଣ୍ଡ, ଲଛମନ କାଣ୍ଡ, କପୁର କାଣ୍ଡ, ଗଙ୍ଗା କାଣ୍ଡ, ଭାସ୍କର କାଣ୍ଡ, ଶ୍ରୀହରି କାଣ୍ଡ, ତ୍ରିନାଥ କାଣ୍ଡ, ହିମାଞ୍ଚଳ କାଣ୍ଡ, ରତ୍ନାକର କାଣ୍ଡ, ଚମ୍ପେଶ୍ୱର କାଣ୍ଡ, ଗଣେଶ କାଣ୍ଡ, ପର୍ଶୁରାମ କାଣ୍ଡ ପ୍ରମୁଖଙ୍କ ସର୍ବାଧିକ କ୍ଷୟକ୍ଷତି ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏ ବିଷୟରେ ଏସିଡବ୍ଲୁ ଦେବୀ ପ୍ରସାଦ ତାଣ୍ଡିଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତ ଚାଷଜମି ତଦନ୍ତ କରାଯାଇ ଚାଷୀଙ୍କୁ ସରକାର ତରଫରୁ ଯାହା ସୁବିଧା କରାଯିବା କଥା କରାଯିବ ବୋଲି କହିଥିଲେ।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

କୋକସରା,୨୩।୪(ଡି.ଏନ୍.ଏ.)

ଜାମ୍ମୁ କାଶ୍ମୀରର ପୁଞ୍ଚ ଜିଲାରେ ଗତ ଗୁରୁବାର ଯବାନଙ୍କ ଗାଡ଼ି ଉପରକୁ ଆତଙ୍କବାଦୀଙ୍କ ଗ୍ରେନେଡ଼ ଆକ୍ରମଣରେ ଶହୀଦ ହୋଇଥିବା ୫ ଭାରତୀୟ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି କୋକସରା ସ୍ପୋର୍ଟ୍ସ କ୍ଲବର ସଦସ୍ୟ। ଶହୀଦ ବୀର ଯବାନଙ୍କ ଉଦ୍ଦେଶ୍ୟରେ କ୍ଲବ ପକ୍ଷରୁ ରବିବାର କ୍ୟାଣ୍ଡେଲ ଶୋଭାଯାତ୍ରା ବାହାର ଥିଲା। ବୀର ଯବାନ ଅମର ରହେ ନାରା ଦେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା କରି ଦେଶ ମାତୃକାର ପାଇଁ ଶହୀଦ ହୋଇଥିବା ଭାରତ ମାତାର ବୀରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସ୍ପୋର୍ଟ କ୍ଲବର ମହେଶ ଗୁପ୍ତା, କ୍ଷୀରସିନ୍ଧୁ ନେଗି, ଜିତାମିତ୍ର ପ୍ରଧାନୀ, ଅଧୁରାଜିତ ନାୟକ, ସିଦ୍ଧାର୍ଥ ପ୍ରଧାନୀ, ରାକେଶ ନାୟକ, ସଞ୍ଜୀବ ନାୟକ, ତପନ ବିଶି, ସୁରଜ ନାୟକ, ମାନସ ବେହେରା, ଅମୂଲ୍ୟ ବିଶି, ମହେନ୍ଦ୍ର ପ୍ରଧାନୀ, ବିବେକ ଶର୍ମା, ବିଜୁ ଶବର ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଝରିଆଗୁଡ଼ା ଗ୍ରାମରେ ମଧ ସ୍ୱାମୀ ବିବେକାନନ୍ଦ କ୍ଲବର ନବୀନ ଖମାରୀ, ବାବୁ ସାହୁ, ବିନୋଦ ପାଣିଗ୍ରାହୀ, ସମିତି ସଭ୍ୟ ମୁକ୍ତେଶ୍ୱର ନାୟକ, ଅରବିନ୍ଦ ପଟ୍ଟନାୟକ, କୁରୁକ୍ଷେତ୍ର ପାଣିଗ୍ରାହୀ, ନାରାୟଣ ରାଉତ, ଅବସର ପ୍ରାପ୍ତ ଯବାନ ନରେନ୍ଦ୍ର ରାଉତଙ୍କ ସହ ଯୁବଗୋଷ୍ଠୀ ଓ ଗ୍ରାମବାସୀ ସାମିଲ ହୋଇ କ୍ୟାଣ୍ଡେଲ ରାଲି କରି ବୀର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜିଲାସ୍ତରୀୟ କୃଷକ ଦିବସରେ ୬ ଚାଷୀ ସମ୍ମାନିତ

ଭବାନୀପାଟଣା,୨୩।୪(ସ୍ୱ.ପ୍ର.)

ଅକ୍ଷୟତୃତୀୟା ଉପଲକ୍ଷେ ରବିବାର ଭବାନୀପାଟଣା କୃଷି ବିଜ୍ଞାନ କେନ୍ଦ୍ରଠାରେ ଜିଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଥିବା ଜମିରେ ଭୂମି ପୂଜନ କରି ଅକ୍ଷି ମୁଠି ଅନୁକୂଳ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଡିଏଓ ପ୍ରଫୁଲ୍ଲ ସେଠୀ, ଡିଡିଏଚ କିଶୋର କୁମାର ମହାଲିଙ୍ଗ, ଭବାନୀପାଟଣା ବିଧାୟକ ପ୍ରତିନିଧି ମନୋଜ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ଡିଡିଏମ ନାବାର୍ଡ ମହେଶ୍ୱର ଦାସ, ଡିଆଇପି ଆର୍ ଓ ମନୋଜ ବେହେରା, କୃଷି ବିଜ୍ଞାନ ମୁଖ୍ୟ ଡ. ଅମିତାଭ ପଣ୍ଡା, ଆର୍‌ଆର୍‌ଟିଏସ ମୁଖ୍ୟ ଡ. ଭବାନୀ ଶଙ୍କର ନାୟକ, କଳାହାଣ୍ଡି କୃଷି ମହାବିଦ୍ୟାଳୟ ପ୍ରାଧାପକ ଡ. ସନ୍ଦିପ୍ତ ନାୟକ, ନିର୍ବାହୀ ଯନ୍ତ୍ରୀ କୃଷି ଜଗବନ୍ଧୁ ମାହାଲି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କୃଷି ଓ କୃଷକ ସଶକ୍ତୀକରଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ଭିତ୍ତିକ ଉଦ୍ୟୋଗ ସହ ମିଶ୍ରିତ ଚାଷକୁ ଗୁରୁତ୍ୱ, ମୃତ୍ତିକା ପରୀକ୍ଷା, ଯାନ୍ତ୍ରିକୀକରଣ, ବୈଷୟିକ ଜ୍ଞାନ କୌଶଳର ବ୍ୟବହାର, ଅଧିକ ଧାନ ଚାଷ ପରିବର୍ତ୍ତେ ଅଣ ଧାନ ଫସଲ, ପନିପରିବା, ଡାଲି, ତୈଳବୀଜ, କପା, ଫଳ, ମତ୍ସ୍ୟ, ମିଲ୍ଲେଟ ଜାତୀୟ ଚାଷପାଇଁ ଅଧିକ ଉଦ୍ୟମ କରନ୍ତୁ ବୋଲି କହିଥିଲେ। ଏହାଦ୍ୱାରା ଚାଷୀମାନଙ୍କ ଆୟ ଅଧିକ ହୋଇପାରିବ ବୋଲି ସେମାନେ କହିଥିଲେ। ଏହି ଅବସରରେ ୬ ଜଣ ଚାଷୀଙ୍କୁ ଉନ୍ନତ ଚାଷ ପାଇଁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ସାନଖଇରମାଲର ଚାଷୀ ଠାକୁର ଚନ୍ଦ୍ର ପ୍ରଧାନ, ଅମାଠର ଗୋ ପାଳନ ଚାଷୀ ରଶ୍ମିତା ରଣା, ଜଗନ୍ନାଥପୁରର ଗୋପାଳନ ଚାଷୀ ମନୋରଞ୍ଜନ ରାଜଗୁରୁ, କେସିଙ୍ଗା ବ୍ଲକ ମାଟିଆର ପନିପରିବା ଉଦ୍ୟାନ ଚାଷୀ ଗୋପବନ୍ଧୁ ସାହୁ, ମୃତ୍ତିକା ସଂରକ୍ଷଣ ପାଇଁ ଲଇତରାର କୃଷ୍ଣଚନ୍ଦ୍ର ମାଝୀ, ସାଲେଗାଁର ମତ୍ସ୍ୟ ଚାଷୀ ସରିତ କୁମାର ଭୋଇଙ୍କୁ ଉପଢ଼ୌକନ ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କୃଷି କାର୍ଯ୍ୟାଳୟର ଏଏଓ ବିଶ୍ୱନାଥ ମହାପାତ୍ର ସଭା ପରିଚାଳନା କରିଥିଲେ।



ଜଣେ ମହିଳା ଚାଷୀଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

**ଧରଣୀ ପୀଠରେ ପୋଢ଼ବଳି**

ରୁପ୍ରାରୋଡ଼,(ଡି.ଏନ୍.ଏ.): ନର୍ଲା ବ୍ଲକ ଅଧୀନ ରାକ୍ସି ଓ ବାଲିଶୀଙ୍ଗା ପଞ୍ଚାୟତରେ ଅକ୍ଷୟତୃତୀୟା ଅବସରରେ ଧରଣୀ ପୀଠରେ ପୋଢ଼ବଳି ପ୍ରଥା ଦେଖିବାକୁ ମିଳିଥିଲା। କନ୍ଧ ସମ୍ପ୍ରଦାୟ ପୂର୍ବଜମାନଙ୍କ ପରମ୍ପରା ଅନୁଯାୟୀ ଚଳି ଆସୁଅଛି ପୋଢ଼ବଳି ପ୍ରଥା। ଉକ୍ତ ପ୍ରଥାରେ ନିଜର ଇଷ୍ଟ ଦେବୀ ମା'ଧରଣୀଙ୍କ ପୀଠରେ ପ୍ରତି ୧୨ ବର୍ଷରେ ଥରେ ପୋଢ଼ବଳି ଅର୍ପଣ କରାଯାଇଥାଏ। ରବିବାର ପରମ୍ପରା ଅନୁଯାୟୀ ୧୨ ବର୍ଷ ପୂରଣ ଅବସରରେ ଧରଣୀ ପୀଠରେ ପୋଢ଼ ବଳି ଦିଆଯାଇଥିଲା। ଏହି ପୂଜାରେ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୨ ବାଇକ୍ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ଭବାନୀପାଟଣା,୨୩।୪(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଗଡ଼ିଆଯୋର ଛକ ନିକଟରେ ରବିବାର ଅପରାହ୍ନରେ ୨ବାଇକ୍ ମଧରେ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ସୁବଦାସ ତାଣ୍ଡି ଏବଂ ଗୁରୁତର ବ୍ୟକ୍ତିଙ୍କ ନାମ ଗଣେଷ ଛତ୍ରିଆ ବୋଲି ଜଣାପଡ଼ିଛି। ଉଭୟଙ୍କ ଘର ବ୍ଲକର ସାନ କେନ୍ଦୁଗୁଡ଼ା ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ, ସୁବଦାସ ଓ ଗଣେଷ ଧର୍ମଗଡ଼ରୁ ନିଜ ଘରକୁ ବାଇକ୍ ଯୋଗେ ଫେରୁଥିବାବେଳେ ଗଡ଼ିଆଯୋର ଗ୍ରାମ ଛକ ନିକଟରେ ଅପର ପାର୍ଶ୍ୱରୁ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ସୁବଦାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଗଣେଷ ଚିକିତ୍ସିତ ହେଉଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### ସଲଙ୍ଗିପଡାରେ ଅକ୍ଷୟତୃତୀୟା

ନୂଆପଡା ଅଫିସ/କୋମନା,୨୩।୪ (ଡି.ଏନ.ଏ.): ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ପଞ୍ଚାୟତ ସଲଙ୍ଗିପଡାଠାରେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରଥମରେ ମାଟିଦେବତା ଓ ମା' ଲକ୍ଷ୍ମୀଙ୍କୁ ପୂଜା ଅର୍ଚ୍ଚନା କରି ଉପସ୍ଥିତ ଚାଷୀମାନଙ୍କୁ ନେଇ ଏକ ସଭା ହୋଇଥିଲା। ଏହି ଅବସରରେ ସଂଗ୍ରାମ ପରିଷଦର ଆବାହକ ଯଦୁମଣି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅକ୍ଷୟ ତୃତୀୟା ଚାଷୀମାନଙ୍କ ପର୍ବ। ଚାଷୀ ଅକ୍ଷୟ ତୃତୀୟା ଦିନ ପ୍ରଥମ କରି ଅକ୍ଷିମୁଠି କରି ଚାଷ କାମ ଆରମ୍ଭ କରିଥାଏ। ବର୍ତ୍ତମାନ ସମୟରେ ଚାଷୀ ପାଳନ ନ କରି ସରକାରୀସ୍ତରରେ ସୀମିତ ରହିଯାଉଛି। ଆମେ ପ୍ରତିବର୍ଷ ପ୍ରତ୍ୟେକ ଗାଁରେ ଅକ୍ଷୟ ତୃତୀୟା ପାଳନ କରିବା ବୋଲି ଆହ୍ୱାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିପ୍ର ଶବର ପ୍ରଥମ ଅଖିମୁଠି ଅନୁକୂଳ କରିଥିଲେ। ଠିକପାଲି ସରପଞ୍ଚ ସନ୍ତୋଷିନୀ ସୁନାନୀ, ଗଣ୍ଡାମେର ସରପଞ୍ଚ ପ୍ରହ୍ଲାଦ ଶବର, ଦଧି ନାଗ, ସପନେ ବାଗ, ପୁଷ୍କର ଶବର, କୁଞ୍ଜଶବର, ନବୀ ମହମ୍ମଦ, ମଧୁ ଶବର, ପଣ୍ଡୁ ଶବର, ରୁଟୁ ଶବର, ଭଗତ ସତନାମୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅକ୍ଷୟତୃତୀୟାରେ ଅକ୍ଷିମୁଠି ଅନୁକୂଳ କଲେ ବ୍ଲକ ଉପାଧ୍ୟକ୍ଷ, ଅଧିକାରୀ

କୋକସରା,୨୩।୪(ଡି.ଏନ୍.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କୃଷି ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ଅକ୍ଷୟତୃତୀୟା, କୃଷକ ଦିବସ ଫୁପଗାଁ ପଞ୍ଚାୟତ ଧାନମଣ୍ଡିରେ ପାଳନ କରାଯାଇଛି। କୃଷକ ଦିବସ ପାଳନ ପୂର୍ବରୁ ଭୂମି ପୂଜନ, ଅକ୍ଷିମୁଠି ଅନୁକୂଳ ପାଇଁ ପୂଜାର୍ଚ୍ଚନା ହୋଇଥିଲା। ପରେ ଫୁପଗାଁର ଜଣେ ଚାଷୀଙ୍କ ଜମିରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ଗୋଷ୍ଠୀ କୃଷି ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ରତୁରାଜ ମାଝୀ, ଫୁପଗାଁ ସରପଞ୍ଚ ଗଜାନନ ପୂଜାରୀ, କୃଷକ ମଞ୍ଚ ସଭାପତି ଗଜାନନ ନିଆଲ, ପୂର୍ବତନ କୃଷି କର୍ମଚାରୀ ଶ୍ରୀନିବାସ ପ୍ରଧାନୀ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, ସହକାରୀ ମତ୍ସ୍ୟ ଅଧିକାରୀ ଲଳିତ ମହାନନ୍ଦ, ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ମୃତି ରଞ୍ଜନ ଦାଶ, ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସମେତ ଅଞ୍ଚଳର ଜନ ପ୍ରତିନିଧି, ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ରହି ଅକ୍ଷିମୁଠି ଅନୁକୂଳ କରିବା ସହ ବିହନ ବୁଣି ଚାଷ କାର୍ଯ୍ୟ ଅନୁକୂଳ କରିଥିଲେ। ପରେ ଧାନ ମଣ୍ଡିରେ କୃଷକଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷୀଙ୍କୁ କୃଷି ବିଭାଗ ସହ ସମନ୍ୱୟ ରଖି ଠିକ ସମୟରେ ରୋଗପୋକ ନିୟନ୍ତ୍ରଣ ପାଇଁ ପରାମର୍ଶ ନେବା ସହ ପାରମ୍ପରିକ ଚାଷ ସହ ଅତ୍ୟାଧୁନିକ କୃଷି ପଦ୍ଧତି ଆପଣାଇବା, କେବଳ ଧାନଚାଷ ମଧରେ ସୀମିତ ନ ରହି ବିଭିନ୍ନ ଶସ୍ୟ, ତୈଳବୀଜ ଜାତୀୟ ତଥା ମିଲେଟ ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ମାଣ୍ଡିଆ ଚାଷ କରିବା ପାଇଁ ଚାଷୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ କୃଷି ବିଭାଗର କ୍ଷେତ୍ର ଓ କାର୍ଯ୍ୟାଳୟର କର୍ମଚାରୀ ଆଶିଷ ପାଟିଲ, ହିମାଂଶୁ ଭୂଷଣ ଦାସ, ପ୍ରଦୀପ ରଣା, ଚନ୍ଦ୍ର କେତୁ ମେହେର, ଅବିନାଶ ଠାକୁର, ଟିକଚନ ଦଳପତି, ରଞ୍ଜନ ହଂସ, ଭକ୍ତ ଚରଣ ମାଝି, ଉପେନ୍ଦ୍ର ଜାଲ, ଟିକଚନ ମାଝୀ, ଇନ୍ଦୁ ପାଣିଗ୍ରାହୀ, ଇତିଶ୍ରୀ ପାଣିଗ୍ରାହୀ, ସରସ୍ୱତୀ ମେହେର, ପ୍ରଦୀପ ପଟେଲ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୋଷ୍ଠୀ ବ୍ଲକ କୃଷି ଅଧିକାରୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ବାଲିଚୁଆଁ ପାଣି ଭରସାରେ ଗ୍ରାମବାସୀ

ନୂଆପଡା ଅଫିସ,୨୩।୪

ବିଶୁଦ୍ଧ ପାନୀୟ ଯୋଗାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯୋଜନା ଉପରେ ଯୋଜନା କରୁଛନ୍ତି। ସ୍ଥାନୀୟ ଅଧିକାରୀ ବା କର୍ମଚାରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁ ଲୋକେ ପାଣି ବୁନ୍ଦାଏ ପାଇପାରୁ ନାହାନ୍ତି। ଗାଁରେ ପାଇପ ପୋତା ଯାଇ ଷ୍ଟାଣ୍ଡପୋଷ୍ଟ ତିଆରି ହୋଇ ଭାଙ୍ଗି ସାରିଲାଣି। ହେଲେ ଗାଁକୁ ପାଣି ପହଞ୍ଚି ପାରିଲା ନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ବାବେଘାଟି ଗାଁରେ। ୮ଶହରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗାଁରେ ୧୩୦ରୁ ଉର୍ଦ୍ଧ୍ୱ ପରିବାର ରହୁଥିବାବେଳେ ୪ ଟି ନଳକୂଅ ରହିଛି। ୨ଟିରେ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁ ଥିବାରୁ ପ୍ରଶାସନ ପକ୍ଷରୁ ନିଷିଧ କରି ଦିଆଯାଇଛି ।



ମହିଳାମାନେ ବାଲିଚୁଆଁ କରି ପାଣି ଆଣୁଛନ୍ତି।

ଅଦାପଡା ପଡା ଠାରେ ଥିବା ନଳକୂଅରେ ସାପ,ହାଡ,ମାଂସ,ଜୋକ,ଜିଆ,ପୋକ ସହ ଗୋଳିଆ ପାଣି ବାହାରୁ ଥିବାରୁ ବ୍ୟବହାର କରୁନାହାନ୍ତି। ଅନ୍ୟ ଏକ ନଳକୂଅରେ ଗାଁର ସବୁ ଲୋକ ବ୍ୟବହାର କରୁଥିବାରୁ ରାତି ନ ପାହିବା ଆଗରୁ ଲମ୍ବା ଲାଇନ ଲାଗିବାକୁ ପଡୁଛି। ସେଥିରେ ମଧ୍ୟ ସମସ୍ତଙ୍କୁ ପାଣି ଠିକ ଭାବରେ ହେଉ ନ ଥିବାରୁ ୧ କିଲୋମିଟର ଦୂରରେ ଥିବା ଏକ ପୋଖରୀକୁ ଯାଇ ବାଲିଚୂଆଁ କରି ପାଣି ଆଣି ଲୋକେ ବ୍ୟବହାର କରୁଛନ୍ତି। ବାଲି ଚୂଆଁ ପାଣି ଖାଇବା ଯୋଗୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଗାଁରେ ବସୁଧା ଯୋଜନାରେ ପାଣି

**ବସୁଧା ଯୋଜନା ଫେଲ୍**

ଯୋଗାଇବା ପାଇଁ ପାଇପ ପୋତା ଯାଇ ପ୍ରତ୍ୟେକ ଘର ଦ୍ୱାର ମୁହଁରେ ଖୁଣ୍ଟମାନ ପୋତା ଯାଇଥିଲା। ସେହି ଖୁଣ୍ଟସବୁ ଭାଙ୍ଗି ଗଲାଣି। ହେଲେ ଗାଁକୁ ପାଣି ପହଞ୍ଚି ପାରିଲା ନାହିଁ । ଜିଲାରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଖରାରେ ଲୋକେ ତ୍ରାହି ତ୍ରାହି ହେଉଥିବାବେଳକୁ ଗାଁରେ ପାଣି ପାଇଁ ଡହକ ବିକଳ ହେଉଛନ୍ତି। ପାଣି ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲା ପ୍ରଶାସନଙ୍କୁ ମଧ୍ୟ ଜଣାଇ ସାରିଲେଣି। ହେଲେ କୌଣସି ସୁଫଳ ମିଳୁ ନାହିଁ। ଗ୍ରାମରେ ଜନସଂଖ୍ୟା ଅନୁପାତରେ ଆବଶ୍ୟକ ନଳକୂଅ ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓଙ୍କୁ ପଚାରିବାରୁ ବହୁତ ଶୀଘ୍ର ସମସ୍ୟାର ସାମାଧାନ କରାଯିବ ବୋଲି କହିଛନ୍ତି।

# ଶିଶୁ ଯତ୍ନ ପରବର୍ତ୍ତୀ କେନ୍ଦ୍ର ଉଦ୍‌ଘାଟିତ




କେନ୍ଦ୍ର ଉଦ୍‌ଘାଟନ ଅବସରରେ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଓ ଅନ୍ୟମାନେ।

ସୁବର୍ଣ୍ଣପୁର,୨୩।୪(ନି.ପ୍ର )

ଜିଲା ଶିଶୁ ସୁରକ୍ଷା ବିଭାଗର ସହାୟତାରେ ୧୮ ବର୍ଷରୁ ଅଧିକ ବୟସର କିଶୋରୀ ବାଳିକାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଶିଶୁ ଯତ୍ନ ପରବର୍ତ୍ତୀ କେନ୍ଦ୍ରକୁ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ରବିବାର ଉଦ୍‌ଘାଟନ କରିଛନ୍ତି। ମା'। ବାପାଙ୍କୁ ହରାଇ ଶିଶୁଯତ୍ନ ଅନୁଷ୍ଠାନରେ ରହି ଆସୁଥିବା କିଶୋରୀ ବାଳିକାମାନଙ୍କୁ ସ୍ୱାବଲମ୍ବୀ କରିବା ତଥା ବିଭିନ୍ନ ବାହ୍ୟ କାର୍ଯ୍ୟାବଳୀରେ ସକ୍ଷମ ନିମନ୍ତେ ଉଦ୍ୟମ ହୋଇଛି। ପଲିଟେକନିକରେ ପଢୁଥିବା ଚନ୍ଦ୍ରକାନ୍ତି ହାତୀ, ଲିସା ପାତ୍ର,, ସରକାରୀ

**ସ୍ୱାବଲମ୍ବୀ ହେବେ ମା' ବାପାଙ୍କୁ ହରାଇଥିବା କିଶୋରୀ**

ଆଇଟିଆଇରେ ପଢୁଥିବା ଆନନ୍ଦିନୀ ଦେହେରୀ, ସୋନପୁର କଲେଜର ଯୁକ୍ତ ୩ ଛାତ୍ରୀ ସୁମି ନାଏକ ଏବଂ ବବଲି ବାଦୀ ପ୍ରଥମ ପର୍ଯ୍ୟାୟରେ ଶିଶୁ ଗୃହ ଛାଡି ଶିଶୁ ଯତ୍ନ ପରବର୍ତ୍ତୀ କେନ୍ଦ୍ରରେ ରହିବା ଆରମ୍ଭ କରିଛନ୍ତି । ଛାତ୍ରୀମାନେ ନିଜର ଦୈନନ୍ଦିନ କାର୍ଯ୍ୟ କରିବା ସହ ପାଠ ପାରେ ଅଧିକ ସମୟ ଦେଇ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ସେହିପରି ସ୍ୱରୋଜଗାରକ୍ଷମ ହେବା ପାଇଁ ଏହା ଛାତ୍ରୀମାନଙ୍କୁ ବିଶେଷ ସହାୟକ ହୋଇପାରିବ ବୋଲି ଜିଲାପାଳ ଦାଶ ମତପ୍ରକାଶ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ କିଶୋରୀ ନ୍ୟାୟ ବୋର୍ଡ ସଦସ୍ୟ ଶଙ୍କର୍ଷଣ ପଣ୍ଡା, ଚାଇଲଡ ଲାଇନ ସଂଯୋଜକ ମନୋଜ ପଣ୍ଡା, ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ନିଜ ମତ ପ୍ରଦାନ କରିଥିଲେ । ଶିଶୁ ଗୃହର ସୁଜାତା ବେହେରା, ସୁବ୍ରତ ପ୍ରଧାନ ଓ ଟିକେଶ୍ୱର ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ ।

# ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ

ନୂଆପଡ଼ା ଅଫିସ/କୋମନା, ୨୩।୪(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଅଧିନସ୍ଥ ଠିକପାଲି ପଞ୍ଚାୟତ ଚାରିଛକ ଠାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋମନା ବିସିସି ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି,ଗଣ୍ଡାମେର ସରପଞ୍ଚ ପ୍ରହ୍ଲାଦ ଶବର, ଠିକପାଲି ସରପଞ୍ଚ ସନ୍ତୋଷିନୀ ସୁନାନୀ,ଚାଷୀ ଇନ୍ଦ୍ରମଣୀ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ବିପ୍ର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଠିକପାଲି ଓ ଗଣ୍ଡାମେର ପଞ୍ଚାୟତର ୧୦ଟି ଗାଁକୁ ନେଇ ଏହି ପ୍ରାଥମିକ କୃଷି ସମବାୟ ସମିତ ଲିଃ ଗଠିତ ହୋଇଛି । ଏହା ପୂର୍ବରୁ ପଞ୍ଚାୟତର ଚାଷୀମାନେ ତରବୋଡ ପ୍ରାଥମିକ କୃଷି ସମବାୟ ସମିତିକୁ ଯାଉଥିଲେ । ଏମାନଙ୍କୁ ୧୫ ରୁ ଅଧିକ କିଲୋମିଟର ପଡୁଥିବାରୁ ଅଧିକାଂଶ ଚାଷୀ ସେବା ପାଇବାରୁ ବଞ୍ଚିତ ହେଉଥିଲେ। ତରବୋଡକୁ ଯିବା ପାଇଁ ଭଲ ରାସ୍ତା ନ ଥିଲା । ଘାଟି ଓ ଜଙ୍ଗଲ ରାସ୍ତା ଲୋକଙ୍କୁ ଯିବା ପାଇଁ କୌଣସି ସୁବିଧା ନ ଥିବାରୁ ଯାତାୟାତରେ ଅସୁବିଧା ହେଉଥିଲା। ଚାରିଛକ ଠାରେ ସେବା ସମବାୟ ସମିତି ହେବାରୁ ଅଞ୍ଚଳର ଚାଷୀମାନେ ଖୁସିବ୍ୟକ୍ତ କରୁଛନ୍ତି। ସମିତିର ସମ୍ପାଦକ କ୍ଷମା ନାଗ, ଭୁବନେ ବାଗ, ସପନେ ବାଗ, ଦଧି ନାଗ, କୁଞ୍ଜ ଶବର, ପୁଷ୍କର ଶବର, ଭଗତ ସତନାମୀ, ନିଳାମ୍ବର ବନଛୋର, ହୃଷିକେଶ ଶବର, ନିରଞ୍ଜନ ନାଗ,ମଧୁସୁଦନ ନାଗ, କୁମାରୀ ଶବର, ଦଶରଥ ଶବର, ରମେଶ ନିଆଲ, ମାର୍କଣ୍ଡ ଶବର, ନବୀ ମହମ୍ମଦ, ତେଜଧର ଶବର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com




@ ବିନାୟକ



@ ଶୁଭମ୍


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# କାଳବୈଶାଖୀ ହେଲା କାଳ, ପରିବା ଚାଷୀଙ୍କ ବ୍ୟାପକ କ୍ଷତି



ଚାଷୀମାନେ ନଷ୍ଟ ହୋଇଥିବା ପରିବା ଚାଷ ଦେଖୁଛନ୍ତି।

ବେହେରା,୨୩।୪(ଡି.ଏନ୍.ଏ.)

ଅଦିନିଆ ବର୍ଷା, କାଳବୈଶାଖୀ ଓ କୁଆପଥର ମାଡ଼ ମାସକ ମଧ୍ୟରେ ବାରମ୍ବାର ହେଉଥିବାରୁ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ଦଲସର୍ଗି ଗ୍ରାମର ଅନେକ ପନିପରିବା ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରାୟ ୨୫ରୁ ଅଧିକ ଏକର ଚାଷ ଜମିରେ ଭେଣ୍ଡି ସହ ଅନ୍ୟାନ୍ୟ ପନିପରିବା ଚାଷ କରାଯାଇଥିବା ବେଳେ ଲଗାତାର ବର୍ଷା ହେବାରୁ ପାଣି ଜମି ଫସଲ ନଷ୍ଟ ହେଉଛି। ଫଳରେ ଚାଷୀ ଅନେକ କ୍ଷତି ସହୁଛନ୍ତି। ପନିପରିବା ଚାଷ ହିଁ ପେଟପାଟଣାର ଏକ ମାତ୍ର ପନ୍ଥା ହୋଇଥିବାରୁ ଭାଗ୍ୟକୁ ଦୋଷ ଦେଇ ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଗ୍ରାମର ସତ୍ୟାନନ୍ଦ କାଣ୍ଡ, ରୁକ୍ମଣ ପୂଝାରୀ, ଶଙ୍କର ହଂସ, ଗଂଟୁ ହଂସ, ପ୍ରେମ କାଣ୍ଡ, ଜୀମୂତ କାଣ୍ଡ, ଲଛମନ କାଣ୍ଡ, କପୁର କାଣ୍ଡ, ଗଙ୍ଗା କାଣ୍ଡ, ଭାସ୍କର କାଣ୍ଡ, ଶ୍ରୀହରି କାଣ୍ଡ, ତ୍ରିନାଥ କାଣ୍ଡ, ହିମାଞ୍ଚଳ କାଣ୍ଡ, ରତ୍ନାକର କାଣ୍ଡ, ଚମ୍ପେଶ୍ୱର କାଣ୍ଡ, ଗଣେଶ କାଣ୍ଡ, ପର୍ଶୁରାମ କାଣ୍ଡ ପ୍ରମୁଖଙ୍କ ସର୍ବାଧିକ କ୍ଷୟକ୍ଷତି ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏ ବିଷୟରେ ଏସିଡବ୍ଲୁ ଦେବୀ ପ୍ରସାଦ ତାଣ୍ଡିଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତ ଚାଷଜମି ତଦନ୍ତ କରାଯାଇ ଚାଷୀଙ୍କୁ ସରକାର ତରଫରୁ ଯାହା ସୁବିଧା କରାଯିବା କଥା କରାଯିବ ବୋଲି କହିଥିଲେ।

# ବୃନ୍ଦାବାହାଲରେ ବ୍ଲକସ୍ତରୀୟ କୃଷକ ଦିବସ ପାଳିତ

ଗୋଲାମୁଣ୍ଡା,୨୩।୪(ଡି.ଏନ୍.ଏ.)

ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲରେ ଅକ୍ଷୟତୃତୀୟା ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ବ୍ଲକ ସ୍ତରୀୟ କୃଷକ ଦିବସ ପାଳିତ ହୋଇଥିଲା ଏବଂ ସଫଳ ଚାଷୀଙ୍କୁ ପୁରସ୍କୃତ ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମିଲେଟ ମିଶନ ପକ୍ଷରୁ ଗୋଲାମୁଣ୍ଡା ବ୍ଲକ ଫୁଣ୍ଡା ଗ୍ରାମର ମା' ସାବିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଏକ ଫୁଡ ଫେଷ୍ଟଭାଲ ପ୍ରଦର୍ଶନ ହୋଇଥିଲା। ମାଣ୍ଡିଆରୁ ତିଆରି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଅତିଥି ଓ ଉପସ୍ଥିତ ଚାଷୀଙ୍କୁ ଖାଇବାକୁ ଦିଆଯାଇଥିଲା। ମିଲେଟ ମିଶନ ଜରିଆରେ ମାଣ୍ଡିଆ ଚାଷ ଓ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀକୁ ପ୍ରତି ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରାଯିବ ବୋଲି ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଓ ଆତ୍ମା କମିଟି ଅଧ୍ୟକ୍ଷ ଇଂ. ଦିନେଶ କୁମାର ରାଉତ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଲିଙ୍ଗରାଜ ମେହେର, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଭୁବନ ମୋହନ ସାହୁ, ଉଦ୍ୟାନ ବିଭାଗ କ୍ଷେତ୍ର ଅଧିକାରୀ ପ୍ରତିମା ବେହେରା, ଦଶପୁର ଜୋନ ଜିଲା ପରିଷଦ ସଭ୍ୟା ସରିତା ମାଝୀ, ବୃନ୍ଦାବାହାଲ ସମିତି ସଭ୍ୟ ଗୋରେଖ ବିଶି, ଗଣ୍ଡାମେର ସରପଞ୍ଚଙ୍କ ପ୍ରତିନିଧି ବୃନ୍ଦାବନ ନାୟକଙ୍କ ସମେତ ଆତ୍ମା କମିଟି ସଦସ୍ୟ ଓ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

କୋକସରା,୨୩।୪(ଡି.ଏନ୍.ଏ.)

ଜାମ୍ମୁ କାଶ୍ମୀରର ପୁଞ୍ଚ ଜିଲାରେ ଗତ ଗୁରୁବାର ଯବାନଙ୍କ ଗାଡ଼ି ଉପରକୁ ଆତଙ୍କବାଦୀଙ୍କ ଗ୍ରେନେଡ଼ ଆକ୍ରମଣରେ ଶହୀଦ ହୋଇଥିବା ୫ ଭାରତୀୟ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି କୋକସରା ସ୍ପୋର୍ଟ୍ସ କ୍ଲବର ସଦସ୍ୟ। ଶହୀଦ ବୀର ଯବାନଙ୍କ ଉଦ୍ଦେଶ୍ୟରେ କ୍ଲବ ପକ୍ଷରୁ ରବିବାର କ୍ୟାଣ୍ଡେଲ ଶୋଭାଯାତ୍ରା ବାହାର ଥିଲା। ବୀର ଯବାନ ଅମର ରହେ ନାରା ଦେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା କରି ଦେଶ ମାତୃକାର ପାଇଁ ଶହୀଦ ହୋଇଥିବା ଭାରତ ମାତାର ବୀରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସ୍ପୋର୍ଟ କ୍ଲବର ମହେଶ ଗୁପ୍ତା, କ୍ଷୀରସିନ୍ଧୁ ନେଗି, ଜିତାମିତ୍ର ପ୍ରଧାନୀ, ଅଧୁରାଜିତ ନାୟକ, ସିଦ୍ଧାର୍ଥ ପ୍ରଧାନୀ, ରାକେଶ ନାୟକ, ସଞ୍ଜୀବ ନାୟକ, ତପନ ବିଶି, ସୁରଜ ନାୟକ, ମାନସ ବେହେରା, ଅମୂଲ୍ୟ ବିଶି, ମହେନ୍ଦ୍ର ପ୍ରଧାନୀ, ବିବେକ ଶର୍ମା, ବିଜୁ ଶବର ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଝରିଆଗୁଡ଼ା ଗ୍ରାମରେ ମଧ ସ୍ୱାମୀ ବିବେକାନନ୍ଦ କ୍ଲବର ନବୀନ ଖମାରୀ, ବାବୁ ସାହୁ, ବିନୋଦ ପାଣିଗ୍ରାହୀ, ସମିତି ସଭ୍ୟ ମୁକ୍ତେଶର ନାୟକ, ଅରବିନ୍ଦ ପଟ୍ଟନାୟକ, କୁରୁକ୍ଷେତ୍ର ପାଣିଗ୍ରାହୀ, ନାରାୟଣ ରାଉତ, ଅବସର ପ୍ରାପ୍ତ ଯବାନ ନରେନ୍ଦ୍ର ରାଉତଙ୍କ ସହ ଯୁବଗୋଷ୍ଠୀ ଓ ଗ୍ରାମବାସୀ ସାମିଲ ହୋଇ କ୍ୟାଣ୍ଡେଲ ରାଲି କରି ବୀର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ସୁବର୍ଣ୍ଣପୁରରେ ସାଧୁ ସନ୍ଥଙ୍କ ରାଲି

ସୋନପୁର,୨୩।୪(ନି.ପ୍ର.)

ସୋନପୁର ସହର ରାମେଶ୍ୱର ଶୈବ ପୀଠ ସ୍ଥିତ ତ୍ରିବେଣୀ ସଙ୍ଗମରେ ଦୁଇ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ସନ୍ଥ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସକାଳେ ସାଧୁସନ୍ଥଙ୍କ ରାଲି ଅନୁଷ୍ଠିତ ହୋଇଥିଲା । ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରୁ ୨୦୦ରୁ ଉର୍ଦ୍ଧ ସାଧୁ ସନ୍ଥ ଯୋଗଦାନ କରି ସହର ପରିକ୍ରମା କରିଥିଲେ। ରାଲି ସମ୍ମୁଖରେ ସଂକୀର୍ତ୍ତନ୍ୟ ଦଳ, ସଞ୍ଚାର ନୃତ୍ୟ, ରାମ ଦରବାର, ଛାତ୍ରୀ ଛାତ୍ରଙ୍କ ରାଧାକୃଷ୍ଣ ଓ ଲକ୍ଷ୍ମୀ ନାରାୟଣ ବେଶ ସହରରେ ଅଧାମ୍ବିକ ପରିବେଶ ସୃଷ୍ଟି କରିଥିଲା। ସେହିଭଳି ଦୁର୍ଗାବାହିନୀ ପକ୍ଷରୁ ମହିଳା ଓ ଯୁବତୀ ମାନେ ଛକ ସ୍ଥାନ ମାନଙ୍କରେ ଆଖଡା ପ୍ରଦର୍ଶନ ମାଧମରେ ଶକ୍ତି ପ୍ରଦର୍ଶନ



ସାଧୁସନ୍ଥମାନେ ରାଲିରେ ସୋନପୁର ସହର ପରିକ୍ରମା କରୁଛନ୍ତି।

କରିଥିଲେ । ସାରା ସହର ଗେରୁଆ ମୟ ହୋଇଥିଲା । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧୁସନ୍ଥ ରାଲିକୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଅପରାହ୍ନରେ ମାରୱାଡି ଧର୍ମଶାଳାରେ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଅନ୍ତରାଷ୍ଟ୍ରୀୟ ଧର୍ମାଚର୍ଯ୍ୟ ସମ୍ପର୍କ ପ୍ରମୁଖ ଅଶୋକ ତିୱାରୀ, ଜୀବନ ମୁକ୍ତାନନ୍ଦ ପୁରୀ, ସାଧୁ ପ୍ରଭାକର ଦାସ, ଓଡିଶା ପଶ୍ଚିମ ପ୍ରାନ୍ତର ଧର୍ମାଚର୍ଯ୍ୟ ସମ୍ପର୍କ

**ସନ୍ଥ ସମ୍ମିଳନୀ, ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ**

ପ୍ରମୁଖ ଅଜୟ ଦାସ, ଦୈତ୍ୟନାରାୟଣ ଥନାପତି, ସତ୍ୟ ନାରାୟଣ ଥନାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲା ଓକିଲ ସଂଘର ସଭାପତି ବିଧାନ ଚନ୍ଦ୍ର ପାଣିଗ୍ରାହୀ, ସଞ୍ଜୟ ମହାପାତ୍ର, ମନୋଜ ଅଗ୍ରୱାଲ, ଶ୍ରଦ୍ଧାଞ୍ଜଳି ମିଶ୍ର, ନନ୍ଦଲାଲ କମାଣୀ, ଜିତୁ ବଡମାଳୀ, ଅମିତ ଅଗ୍ରୱାଲ, ସ୍ୱରୂପ ପାତ୍ର, ରଜନୀକାନ୍ତ ରଥ, ଗୋପାଳ ଭୁତ, ଆନନ୍ଦ ଭୁତ ଓ ପିଣ୍ଟୁ ରଥଙ୍କ ସମେତ ମାରୱାଡି ସମାଜ, ମାରୱାଡି ଯୁବା ମଞ୍ଚ, ଦୁର୍ଗାବାହିନୀ, ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନ, ଜିଲାର ଶାତାଧିକ ଶ୍ରଦ୍ଧାଳୁ ଓ ଧର୍ମପରାୟଣ ବ୍ୟକ୍ତି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

**ଧରଣୀ ପୀଠରେ ପୋଢ଼ବଳି**

ରୁପ୍ରାରୋଡ଼,(ଡି.ଏନ୍.ଏ.): ନର୍ଲା ବ୍ଲକ ଅଧୀନ ରାକ୍ସି ଓ ବାଲିଶୀଙ୍ଗା ପଞ୍ଚାୟତରେ ଅକ୍ଷୟତୃତୀୟା ଅବସରରେ ଧରଣୀ ପୀଠରେ ପୋଢ଼ବଳି ପ୍ରଥା ଦେଖିବାକୁ ମିଳିଥିଲା। କନ୍ଧ ସମ୍ପ୍ରଦାୟ ପୂର୍ବଜମାନଙ୍କ ପରମ୍ପରା ଅନୁଯାୟୀ ଚଳି ଆସୁଅଛି ପୋଢ଼ବଳି ପ୍ରଥା। ଉକ୍ତ ପ୍ରଥାରେ ନିଜର ଇଷ୍ଟ ଦେବୀ ମା'ଧରଣୀଙ୍କ ପୀଠରେ ପ୍ରତି ୧୨ ବର୍ଷରେ ଥରେ ପୋଢ଼ବଳି ଅର୍ପଣ କରାଯାଇଥାଏ। ରବିବାର ପରମ୍ପରା ଅନୁଯାୟୀ ୧୨ ବର୍ଷ ପୂରଣ ଅବସରରେ ଧରଣୀ ପୀଠରେ ପୋଢ଼ ବଳି ଦିଆଯାଇଥିଲା। ଏହି ପୂଜାରେ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ବାଇକ୍ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ଭବାନୀପାଟଣା,୨୩।୪(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଗଡ଼ିଆଯୋର ଛକ ନିକଟରେ ରବିବାର ଅପରାହ୍ନରେ ୨ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ସୁବଦାସ ତାଣ୍ଡି ଏବଂ ଗୁରୁତର ବ୍ୟକ୍ତିଙ୍କ ନାମ ଗଣେଷ ଛତ୍ରିଆ ବୋଲି ଜଣାପଡ଼ିଛି। ଉଭୟଙ୍କ ଘର ବ୍ଲକର ସାନ କେନ୍ଦୁଗୁଡ଼ା ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ, ସୁବଦାସ ଓ ଗଣେଷ ଧର୍ମଗଡ଼ରୁ ନିଜ ଘରକୁ ବାଇକ୍ ଯୋଗେ ଫେରୁଥିବାବେଳେ ଗଡ଼ିଆଯୋର ଗ୍ରାମ ଛକ ନିକଟରେ ଅପର ପାର୍ଶ୍ୱରୁ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ସୁବଦାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଗଣେଷ ଚିକିତ୍ସିତ ହେଉଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### ସଲଙ୍ଗିପଡାରେ ଅକ୍ଷୟତୃତୀୟା

ନୂଆପଡା ଅଫିସ/କୋମନା,୨୩।୪ (ଡି.ଏନ.ଏ.): ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ପଞ୍ଚାୟତ ସଲଙ୍ଗିପଡାଠାରେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରଥମରେ ମାଟିଦେବତା ଓ ମା' ଲକ୍ଷ୍ମୀଙ୍କୁ ପୂଜା ଅର୍ଚ୍ଚନା କରି ଉପସ୍ଥିତ ଚାଷୀମାନଙ୍କୁ ନେଇ ଏକ ସଭା ହୋଇଥିଲା। ଏହି ଅବସରରେ ସଂଗ୍ରାମ ପରିଷଦର ଆବାହକ ଯଦୁମଣି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅକ୍ଷୟ ତୃତୀୟା ଚାଷୀମାନଙ୍କ ପର୍ବ। ଚାଷୀ ଅକ୍ଷୟ ତୃତୀୟା ଦିନ ପ୍ରଥମ କରି ଅକ୍ଷିମୁଠି କରି ଚାଷ କାମ ଆରମ୍ଭ କରିଥାଏ। ବର୍ତ୍ତମାନ ସମୟରେ ଚାଷୀ ପାଳନ ନ କରି ସରକାରୀସ୍ତରରେ ସୀମିତ ରହିଯାଉଛି। ଆମେ ପ୍ରତିବର୍ଷ ପ୍ରତ୍ୟେକ ଗାଁରେ ଅକ୍ଷୟ ତୃତୀୟା ପାଳନ କରିବା ବୋଲି ଆହ୍ୱାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିପ୍ର ଶବର ପ୍ରଥମ ଅଖିମୁଠି ଅନୁକୂଳ କରିଥିଲେ। ଠିକପାଲି ସରପଞ୍ଚ ସନ୍ତୋଷିନୀ ସୁନାନୀ, ଗଣ୍ଡାମେର ସରପଞ୍ଚ ପ୍ରହ୍ଲାଦ ଶବର, ଦଧି ନାଗ, ସପନେ ବାଗ, ପୁଷ୍କର ଶବର, କୁଞ୍ଜଶବର, ନବୀ ମହମ୍ମଦ, ମଧୁ ଶବର, ପଣ୍ଡୁ ଶବର, ରୁଟୁ ଶବର, ଭଗତ ସତନାମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଚୁଆ ପାଣି ଭରସାରେ ଗ୍ରାମବାସୀ

ନୂଆପଡା ଅଫିସ,୨୩।୪


ମହିଳାମାନେ ବାଲିଚୁଆ କରି ପାଣି ଆଣୁଛନ୍ତି।

ବିଶୁଦ୍ଧ ପାନୀୟ ଯୋଗାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯୋଜାନା ଉପରେ ଯୋଜନା କରୁଛନ୍ତି। ସ୍ଥାନୀୟ ଅଧିକାରୀ ବା କର୍ମଚାରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁ ଲୋକେ ପାଣି ବୁନ୍ଦାଏ ପାଇପାରୁ ନାହାନ୍ତି। ଗାଁରେ ପାଇପ ପୋତା ଯାଇ ଷ୍ଟାଣ୍ଡପୋଷ୍ଟ ତିଆରି ହୋଇ ଭାଙ୍ଗି ସାରିଲାଣି। ହେଲେ ଗାଁକୁ ପାଣି ପହଞ୍ଚି ପାରିଲା ନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ବାବେଘାଟି ଗାଁରେ। ୮ଶହରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗାଁରେ ୧୩୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବାବେଳେ ୪ ଟି ନଳକୂଅ ରହିଛି। ୨ଟିରେ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁ ଥିବାରୁ ପ୍ରଶାସନ ପକ୍ଷରୁ ନିଷିଧ କରି ଦିଆଯାଇଛି । ଅଦାପଡା ପଡା ଠାରେ ଥିବା ନଳକୂଅରେ ସାପ,ହାଡ,ମାଂସ,ଜୋକ,ଜିଆ,ପୋକ ସହ ଗୋଳିଆ ପାଣି ବାହାରୁ ଥିବାରୁ ବ୍ୟବହାର କରୁନାହାନ୍ତି। ଅନ୍ୟ ଏକ ନଳକୂଅରେ ଗାଁର ସବୁ ଲୋକ ବ୍ୟବହାର କରୁଥିବାରୁ ରାତି ନ ପାହିବା ଆଗରୁ ଲମ୍ବା ଲାଇନ ଲାଗିବାକୁ ପଡୁଛି। ସେଥିରେ ମଧ୍ୟ ସମସ୍ତଙ୍କୁ ପାଣି ଠିକ ଭାବରେ ହେଉ ନ ଥିବାରୁ ୧ କିଲୋମିଟର ଦୂରରେ ଥିବା ଏକ ପୋଖରୀକୁ ଯାଇ ବାଲିଚୂଆଁ କରି ପାଣି ଆଣି ଲୋକେ ବ୍ୟବହାର କରୁଛନ୍ତି। ବାଲି ଚୂଆଁ ପାଣି ଖାଇବା ଯୋଗୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଗାଁରେ ବସୁଧା ଯୋଜନାରେ ପାଣି

**ବସୁଧା ଯୋଜନା ଫେଲ୍**

ଯୋଗାଇବା ପାଇଁ ପାଇପ ପୋତା ଯାଇ ପ୍ରତ୍ୟେକ ଘର ଦ୍ୱାର ମୁହଁରେ ଖୁଣ୍ଟମାନ ପୋତା ଯାଇଥିଲା। ସେହି ଖୁଣ୍ଟସବୁ ଭାଙ୍ଗି ଗଲାଣି। ହେଲେ ଗାଁକୁ ପାଣି ପହଞ୍ଚି ପାରିଲା ନାହିଁ । ଜିଲାରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଖରାରେ ଲୋକେ ତ୍ରାହି ତ୍ରାହି ହେଉଥିବାବେଳକୁ ଗାଁରେ ପାଣି ପାଇଁ ଡହକ ବିକଳ ହେଉଛନ୍ତି। ପାଣି ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲା ପ୍ରଶାସନଙ୍କୁ ମଧ୍ୟ ଜଣାଇ ସାରିଲେଣି। ହେଲେ କୌଣସି ସୁଫଳ ମିଳୁ ନାହିଁ। ଗ୍ରାମରେ ଜନସଂଖ୍ୟା ଅନୁପାତରେ ଆବଶ୍ୟକ ନଳକୂଅ ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓଙ୍କୁ ପଚାରିବାରୁ ବହୁତ ଶୀଘ୍ର ସମସ୍ୟାର ସାମାଧାନ କରାଯିବ ବୋଲି କହିଛନ୍ତି।

ସେଲ୍ଫି କର୍ରେ ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ବିନାୟକ


@ ଶୁଭମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାଷୀ ସମସ୍ୟା ନେଇ ଆନ୍ଦୋଳନ ନିଷ୍ପତ୍ତି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଜମନକିରା,୨୩।୪(ଡି.ଏନ.ଏ.)

**ଅକ୍ଷୟ ତୃତୀୟା ଓ ଅଘରିଆ ଦିବସ**

ଅଖିଳ ଭାରତୀୟ ଅଘରିଆ ସମାଜ ପକ୍ଷରୁ ବାମଣ୍ଡା ଆଞ୍ଚଳିକ ସ୍ତରୀୟ ଅକ୍ଷୟ ତୃତୀୟା ଓ ଅଘରିଆ ଦିବସ ଭୋଜପୁରସ୍ଥିତ କୃଷି ବିପଣି କେନ୍ଦ୍ରରେ ପାଳିତ ହୋଇଯାଇଛି। ଏହି ଅବସରରେ ଭୋଜପୁର କଲେଜ ନିକଟ କୃଷି କ୍ଷେତ୍ରରେ ଭୋଜପୁର ଗୁଡ଼ି ସଭାପତି ଗୋପାଳ ପଟେଲଙ୍କ ନେତୃତ୍ୱରେ ମାଟି ମା' ର ପୂଜାର୍ଚ୍ଚନା କରାଯାଇ ଧାନ ବିହନ ବୁଣାଯାଇଥିଲା। କାର୍ଯ୍ୟକ୍ରମରେ ସମାଜର ରାଜ୍ୟ ସାଂଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ଉପଦେଷ୍ଟା ଗଙ୍ଗାଧର ନାଏକ, ଆଞ୍ଚଳିକ ସଭାପତି ବନମାଳୀ ନାୟକ ଓ ରାଜ୍ୟ ମହିଳା ସଭାନେତ୍ରୀ ଜୟନ୍ତୀ ପଟେଲ ପ୍ରମୁଖ ସାମିଲ ଥିଲେ। ପରେ ବିପଣୀ କେନ୍ଦ୍ର ପରିସରରେ ଆୟୋଜିତ ସଭାକୁ ଗୁଡ଼ି ସମ୍ପାଦକ ରମେଶ ଚନ୍ଦ୍ର ପଟେଲ ସଂଯୋଜନା କରିଥିଲେ। ଏଥିରେ ରାଜ୍ୟ ଉପଦେଷ୍ଟା ଗଙ୍ଗାଧର ନାଏକ ମୁଖ୍ୟଅତିଥି, ସାଂଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, କୃଷକ ନେତା ନୃପଲାଲ ପଟେଲ, କୃଷିବିତ୍ ସନ୍ତୋଷ ଧୁରୁଆ, ଉପସଭାପତି ନରେଶ ଚନ୍ଦ୍ର ପଟେଲ, ଆଞ୍ଚଳିକ ସଭାପତି ବନମାଳୀ ନାଏକ, ରାଜ୍ୟ ସଭାନେତ୍ରୀ ଜୟନ୍ତୀ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଏହି ଦିବସକୁ ଅଘରିଆ ଦିବସ ରୂପେ ପାଳନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏଥିସହ କୃଷି ଓ କୃଷକର ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ପରବର୍ତ୍ତୀ ସାଂଗଠନିକ ଆଲୋଚନାରେ ୨୦୧୮ ଓ ୨୦୨୨ ଆର୍ଥିକ ବର୍ଷର ବୀମା କ୍ଷତିପୂରଣ ଚାଷୀମାନେ ପାଇ ନ ଥିବାରୁ ଅବିଭକ୍ତ ବାମଣ୍ଡା ଅର୍ଥାତ୍ ଦେବଗଡ଼ ଜଲା ଓ କୁଚିଣ୍ଡା ଉପଖଣ୍ଡରେ ଅଘରିଆ ସମାଜ ସମସ୍ତ ଚାଷୀଙ୍କୁ ଏକତ୍ରିତ କରି ଆନ୍ଦୋଳନ କରିବ ବୋଲି ଘୋଷଣା କରିଥିଲା। ଶେଷରେ ଆଞ୍ଚଳିକ ସମ୍ପାଦକ ସୁଦୀପ୍ତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ମହିଳା ସଭାନେତ୍ରୀ କଲ୍ୟାଣୀ ପଟେଲ, ବିଭିନ୍ନ ମଣ୍ଡଳର ସଭାପତି, ବିଭିନ୍ନ ଗୁଡ଼ିର ସଭାପତି ଓ ସମ୍ପାଦକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ

ନୂଆପଡ଼ା ଅଫିସ/କୋମନା, ୨୩।୪(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଅଧିନସ୍ଥ ଠିକପାଲି ପଞ୍ଚାୟତ ଚାରିଛକ ଠାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ଯଦୁମଣି ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋମନା ବିସିସି ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି,ଗଣ୍ଡାମେର ସରପଞ୍ଚ ପ୍ରହ୍ଲାଦ ଶବର, ଠିକପାଲି ସରପଞ୍ଚ ସନ୍ତୋଷିନୀ ସୁନାନୀ,ଚାଷୀ ଇନ୍ଦ୍ରମଣୀ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ବିପ୍ର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଠିକପାଲି ଓ ଗଣ୍ଡାମେର ପଞ୍ଚାୟତର ୧୦ଟି ଗାଁକୁ ନେଇ ଏହି ପ୍ରାଥମିକ କୃଷି ସମବାୟ ସମିତ ଲିଃ ଗଠିତ ହୋଇଛି । ଏହା ପୂର୍ବରୁ ପଞ୍ଚାୟତର ଚାଷୀମାନେ ତରବୋଡ ପ୍ରାଥମିକ କୃଷି ସମବାୟ ସମିତିକୁ ଯାଉଥିଲେ । ଏମାନଙ୍କୁ ୧୫ ରୁ ଅଧିକ କିଲୋମିଟର ପଡୁଥିବାରୁ ଅଧିକାଂଶ ଚାଷୀ ସେବା ପାଇବାରୁ ବଞ୍ଚିତ ହେଉଥିଲେ। ତରବୋଡକୁ ଯିବା ପାଇଁ ଭଲ ରାସ୍ତା ନ ଥିଲା । ଘାଟି ଓ ଜଙ୍ଗଲ ରାସ୍ତା ଲୋକଙ୍କୁ ଯିବା ପାଇଁ କୌଣସି ସୁବିଧା ନ ଥିବାରୁ ଯାତାୟାତରେ ଅସୁବିଧା ହେଉଥିଲା। ଚାରିଛକ ଠାରେ ସେବା ସମବାୟ ସମିତି ହେବାରୁ ଅଞ୍ଚଳର ଚାଷୀମାନେ ଖୁସିବ୍ୟକ୍ତ କରୁଛନ୍ତି। ସମିତିର ସମ୍ପାଦକ କ୍ଷମା ନାଗ, ଭୁବନେ ବାଗ, ସପନେ ବାଗ, ଦଧି ନାଗ, କୁଞ୍ଜ ଶବର, ପୁଷ୍କର ଶବର, ଭଗତ ସତନାମୀ, ନିଳାମ୍ବର ବନଛୋର, ହୃଷିକେଶ ଶବର, ନିରଞ୍ଜନ ନାଗ,ମଧୁସୁଦନ ନାଗ, କୁମାରୀ ଶବର, ଦଶରଥ ଶବର, ରମେଶ ନିଆଲ, ମାର୍କଣ୍ଡ ଶବର, ନବୀ ମହମ୍ମଦ, ତେଜଧର ଶବର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦେବଗଡ଼ରେ କବି ଶ୍ରୀଜୟଦେବ ଜୟନ୍ତୀ


ଜୟଦେବଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଦେବଗଡ଼, ୨୩।୪(ଡି.ଏନ୍.ଏ.)

ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ସୂଚନା କେନ୍ଦ୍ର ଓ ପାଠାଗାରଠାରେ କବି ଶ୍ରୀ ଜୟଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ବଣାଇଗଡ଼ ମହାବିଦ୍ୟାଳୟର ଅଧକ୍ଷ ଜେନାମଣି ସାହୁ, ବରିଷ୍ଠ ନାଗରିକ ଯୋଗେଶ ଚନ୍ଦ୍ର ଦଳବେହେରା, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ମନୋଜ ପାଢ଼ୀ ମଞ୍ଚାସୀନ ରହି କବି ଶ୍ରୀଜୟଦେବଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଭକ୍ତିକୃତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ମନୋଜ ପାଢ଼ୀ, କବି ଶ୍ରୀ ଜୟଦେବଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ପରେ ବରିଷ୍ଠ ନାଗରିକ ନିରଞ୍ଜନ ଦ୍ୱିବେଦୀ, ହେମନ୍ତ ମହାପାତ୍ର ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜୟଦେବଙ୍କ କୃତି ଗୀତଗୋବିନ୍ଦ ଗାନ ରୁପେନ୍ଦ୍ର କୁମାର୍ ଗୁମାନସିଂହ, ସାଥୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମର୍କେଣ୍ଡ ଶତପଥୀ, ରାମଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଜିଲା କ୍ରୀଡ଼ା ସମ୍ପାଦକ ଧିରେନ ନାଏକ, ଡିଲେଶ୍ୱର୍ ପ୍ରଧାନ, ଅଧ୍ୟାପକ ଡ.ଭାରତ ଭୂଷଣ ନନ୍ଦ, ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର ଉପସ୍ଥିତ ଥିଲେ।

# ଟିମ୍ ଶ୍ମଶାନ ବନ୍ଧୁ ଦେଲା ମାନବିକତାର ପରିଚୟ

ସୁନ୍ଦରଗଡ଼,୨୩।୪(ଡି.ଏନ.ଏ.)


ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ ମୃତଦେହ ସତ୍କାର କରୁଛନ୍ତି।

ଜନସାଧାରଣଙ୍କର ମନରୁ କରୋନା ମହାମାରୀର ଡର ସମ୍ପୂର୍ଣ୍ଣ ରୂପେ ଯାଇ ନ ଥିବାବେଳେ କିନ୍ତୁ ଚତୁର୍ଥ ଲହରର ପ୍ରଥମ ମୁଣ୍ଡ ନେଇ ନିଜର ଉପସ୍ଥିତି ଜାହିର କରିଛି କୋଭିଡ୍। ବିଗତ ତିନୋଟିଯାକ ଲହରରେ ଅପେକ୍ଷାକୃତ ତୃତୀୟ ଲହରରୁ ପ୍ରଥମ ଓ ଦ୍ୱିତୀୟ ଲହର ଯେଉଁ ଭଳି ଭାବରେ କଲବଲ କରିଥିଲା, ନିଜର ଲୋକଙ୍କୁ ସବୁଦିନ ହରାଇବାର ଦୁଃଖ ଲିଭି ନ ଥିବାବେଳେ ଶନିବାର ଆଉଜଣେ କୋଭିଡ୍ ସଂକ୍ରମିତଙ୍କ ଜୀବନ ଦିପ କରୋନା ସଂକ୍ରମଣ ଲିଭାଇ ଦେଇଛି। ବିଗତ କିଛିଦିନ ହେବ ଯେଉଁପରି ଭାବରେ କରୋନା ଗ୍ରାଫ ବଢ଼ିବଢ଼ି ଚାଲିଛି ଏହା ଚିନ୍ତାର କାରଣ ହୋଇଛି। ବଡଗାଁ ପେଟଫୋଡ ଗ୍ରାମର ୪୯ ବର୍ଷୀୟ ବ୍ୟକ୍ତି କୋଭିଡ୍ ସଂକ୍ରମିତ ହୋଇ ସୁନ୍ଦରଗଡ କୋଭିଡ୍ କେୟାର ହସ୍ପିଟାଲରେ ଗତ ୨୦ ଅପ୍ରେଲରେ ଭର୍ତ୍ତି ହୋଇଥିଲେ। ଶନିବାର ଅବସ୍ଥା ଉଦ୍‌ବେଗଜନକ ହେବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିବାବେଳେ ଅମ୍ଳଜାନ ସ୍ତର କମିକମି ଯିବା ପରେ ରାତିରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ପ୍ରଶାସନ ତରଫରୁ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ମୃତଦେହ ସତ୍କାରରେ ସହଯୋଗ କରିବା ସକାଶେ ଅନୁରୋଧ କରାଯାଇଥିଲା। ବିଗତ କରୋନାର ତିନୋଟିଯାକ ଲହରରେ ସ୍ୱେଚ୍ଛାକୃତ ଭାବରେ ନିଃଶୁଳ୍କ ମୃତଦେହ ସତ୍କାର କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବା ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ ରବିବାର ଅକ୍ଷୟ ତୃତୀୟା ପାଳନ ପଛକୁ ରଖି ଗୋବିନ୍ଦଙ୍କ ମୃତଶରୀରକୁ କୋଭିଡ୍ କେୟାର ହସ୍ପିଟାଲରୁ ମହାପ୍ରୟାଣ ଯୋଗେ ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରକୁ ନେଇ ନିଜସ୍ୱ ଖର୍ଚ୍ଚରେ ନିଃଶୁଳ୍କ ଶେଷକୃତ ସମ୍ପନ୍ନ ହିନ୍ଦୁ ପରମ୍ପରା ଓ ନୀତିନିୟମ ଅନୁଯାଇ ସମ୍ପନ୍ନ କରି ନିଜର ମାନବିକତାର ପରିଚୟ ପୁଣିଥରେ ପ୍ରଦାନ କରିଛନ୍ତି। ଏହି ସତ୍କାରରେ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ବିଷ୍ଣୁ ରକ୍ସା, ଓ ଦେବେନ୍ଦ୍ର ସାହୁ ସହଯୋଗ କରିଥିଲେ। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୨ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି।

# କୃଷକ ଦିବସ, ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମ

କୁଆଁରମୁଣ୍ଡା,୨୩।୪(ଡି.ଏନ.ଏ.)



ଅକ୍ଷୟ ତୃତୀୟା ପାଳନ ଅବସରରେ ଅଖୀମୁଠୀ ଅନୁକୂଳ କରାଯାଉଛି।

ରବିବାର କୁଆଁରମୁଣ୍ଡା ବ୍ଲକ ଡୁମେରଯୋର ପଞ୍ଚାୟତରେ ବ୍ଲକସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏଥିରେ ବ୍ଲକସ୍ତରୀୟ କୃଷକ ପରାମର୍ଶଦାତା କମିଟିର ଅଧକ୍ଷ ବିନୟ କୁଜୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖୀମୁଠୀ ଅନୁକୂଳ କରିଥିଲେ। ଏହା ପରେ କୃଷକ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ କୃଷି ଅଧିକାରୀ ପବିତ୍ର ମୋହନ ସାହୁ କୃଷି ବିଭାଗରେ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ବିଶେଷ କରି ପ୍ରାମାଣିକ ବିହନର ଅଗ୍ରିମ କ୍ରୟ,ସଫଳ ଯୋଜନା,ଚାଷୀଙ୍କ ଆୟ କିଭଳି ଦ୍ୱିଗୁଣିତ ହୋଇପାରିବ ସେ ସମ୍ପର୍କରେ ଉପସ୍ଥିତ କୃଷକମାନଙ୍କୁ ଅବଗତ କରାଇଥିଲେ। ସେହିପରି ଅମ୍ଳ ମୃତିକାର କାରଣ ଓ ନିରାକରଣ,ଆଦିବାସୀ ଅଧ୍ୟୁଷିତ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ମାଣିଆ ଚାଷର ପ୍ରଚାର, ପ୍ରସାର ସହ ଉତ୍ତମ ବ୍ୟବହାର, ଜଳବାୟୁ ପରିବର୍ତ୍ତନ ପ୍ରତି ସଜାଗ ଓ ସତର୍କତା ଅବଲମ୍ବନ ଇତ୍ୟାଦି ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ସାହୁ ଉପସ୍ଥିତ ଚାଷୀଙ୍କୁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡୁମେରଯୋର ପଞ୍ଚାୟତର ନାଏବ ସରପଞ୍ଚ ମଧୁସୂଦନ ଓରାମଙ୍କ ସହ ଅନ୍ୟମାନେ ଉପସ୍ଥିତି ଥିଲେ। ଚାଷୀ ଭୋଳାନାଥ ଚାରଓ୍ୱା ଟପ୍ପୋଙ୍କ ଚାଷ ଜମିରେ ଏହି ଅବସରରେ ଅଖୀମୁଠୀ ଅନୁକୂଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିଦର୍ଶକ ସୁଦେଷ୍ଣା ନାଏକ, ମୀନା ପଟେଲ, କୃଷି ଗ୍ରାମସେବିକା ନମିତା ଚୌଧୁରୀ, ଟିକେଶ୍ୱରୀ ଭୋଇ, ଜୟନ୍ତୀ ପ୍ରଧାନ, ଚୁମକି ପ୍ରଧାନ, କୃଷି ଗ୍ରାମସେବକ ମହେଶ କୁମାର ସାହୁ, ଶ୍ୱେତାଲିନା କାନୁନ୍‌ଗୋ, ବ୍ଲକ ମାଣ୍ଡିଆ ସଂଯୋଜକ ରମେଶ ଚନ୍ଦ୍ର ମଲ୍ଲିକ, ଦେବାଶିଷ ସ୍ୱାଇଁ, ମୋହନ ଓରାମ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ଗରିବଙ୍କୁ ୫ ଟଙ୍କାରେ ମିଲ୍ ଦେଉଛି ହାପି ଟୁ ହେଲ୍ପ ଫାଉଣ୍ଡେଶନ

ଦେବଗଡ଼, ୨୩।୪(ଡି.ଏନ୍.ଏ.)



ହାପି ଟୁ ହେଲ୍ପ ଫାଉଣ୍ଡେସନ ପକ୍ଷରୁ ଦେବଗଡ଼ରେ ୫ ଟଙ୍କାରେ ମିଲ୍ ବିତରଣ କରାଯାଉଛି ।

ହାପି ଟୁ ହେଲ୍ପ ଫାଉଣ୍ଡେସନ ତରଫରୁ ପ୍ରତ୍ୟେକ ରବିବାର ଆରମ୍ଭ ହୋଇଥିବା ଏକ ଛୋଟ ପ୍ରୟାସ '୫ ଟଙ୍କାରେ ରନ୍ଧା ଖାଦ୍ୟ' କାର୍ଯ୍ୟକ୍ରମ ରବିବାର ପଞ୍ଚମ ଦିନରେ ପହଞ୍ଚିଛି। କାର୍ଯ୍ୟକ୍ରମରେ ରାଜ୍ୟ ସାମ୍ବାଦିକ ସଂଘର ସମ୍ପାଦକ ଶଶାଙ୍କଶେଖର ଝାଙ୍କର (ରାଜା ଭାଇ) ଏବଂ ଦେବଗଡ଼ ୱାର୍ଡ ନମ୍ବର ୧୨ ପାରିଷଦ ପ୍ରମିଳା ବେହେରାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ବେହେରା ପ୍ରୋତ୍ସାହନ ରାଶି ୩୦୦୦ ଟଙ୍କା ଫାଉଣ୍ଡେସନକୁ ଦାନ କରିଥିଲେ। ଶଶାଙ୍କଶେଖର ଝାଙ୍କର ଏବଂ ପ୍ରମିଳା ବେହେରା ଶ୍ରମଦାନ ଦେବା ସହିତ ହାପି ଟୁ ହେଲ୍ପ ଫାଉଣ୍ଡେସନ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଫାଉଣ୍ଡେସନ ତରଫରୁ ଅଶେଷ ଧନ୍ୟବାଦ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଦସ୍ୟ ରାଜକିଶୋର ଦାଶ, ବିଷ୍ଣୁ ପ୍ରସାଦ ନାୟକ, ଆଲୋକ ଓମାନ୍ତ, ଶୈଳେନ୍ଦ୍ର ବ୍ରିନେଦ, ଦୀପନ ନାୟକ, ସୁଦାମ ଚରଣ ପୃଷ୍ଟି, ପ୍ରିତିଶ ମହାପାତ୍ର, ସୁଶାନ୍ତ କୁମାର, ଦୀପକ ଷଣ୍ଢ, ସୁକେନ ମୁଖି, ଭୁବନମୋହନ ନାୟକ, ପ୍ରଭାତ ନାୟକ, ମନୋଜ ମଣ୍ଡା, ସଞ୍ଜୟ ଥାପ୍ପା, ରାଜୁ ମାଟିଆରି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ରୋଗୀଙ୍କ ସମ୍ପର୍କୀୟ, ସହାୟକ, ଗରିବ ଲୋକଙ୍କ ପାଇଁ ସାମାଜିକ ଅନୁଷ୍ଠାନ ହାପି ଟୁ ହେଲ୍ପ ଫାଉଣ୍ଡେସନ ଗତ ମାର୍ଚ୍ଚ ୨୬ ତାରିଖ ରବିବାରଠାରୁ ୫ଟଙ୍କିଆ ମିଲ୍‌ର ଶୁଭାରମ୍ଭ କରିଥିଲେ। ପ୍ରତି ରବିବାର କେବଳ ଏହି ମିଲ୍ ଫାଉଣ୍ଡେସନ ତରଫରୁ ଦିଆଯାଉଛି। ସବୁ ରବିବାର ପରି ଆଜି ମଧ୍ୟ ଲୋକେ ମିଲ୍ ଖାଇ ସନ୍ତୋଷ ପ୍ରକାଶ କରିଥିଲେ।

